# ଯାଜପୁରରେ ହେବ ଖାଦ୍ୟ ପରୀକ୍ଷାଗାର

## ଓଏମ୍‌ବିଏଡିସି ପାଣ୍ଠିରୁ ଖର୍ଚ୍ଚ ହେବ ୧୦.୮୬ କୋଟି ଟଙ୍କା

**ଯାଜପୁର,୨୮।୮(ହର୍ଷବର୍ଦ୍ଧନ ବେହେରା):** ଯାଜପୁର ଜିଲା ଦଶରଥପୁର ବ୍ଲକ ଆନ୍ଦୋଳା ଗ୍ରାମ ନିକଟରେ ଜିଲା ଖାଦ୍ୟ ପରୀକ୍ଷାଗାର ବା ଫୁଡ ଟେଷ୍ଟିଂ ଲାବୋରେଟୋରୀ ପ୍ରତିଷ୍ଠା ହେବ। ଏଥିପାଇଁ ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ପାଣ୍ଠିରୁ ୧୦ କୋଟି ୮୬ ଲକ୍ଷ ୭୪ ହଜାର ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଦୀନବନ୍ଧୁ ପଣ୍ଡା ବୁଧବାର ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ସଂକ୍ରାନ୍ତରେ ଯାଜପୁର ଜିଲାପାଳଙ୍କୁ ସୂଚିତ କରିଛନ୍ତି। ପ୍ରକଳ୍ପ ପାଇଁ ମୁଖ୍ୟ ଗୃହ, ପାଚେରୀ, ଡ୍ରେନ, ମୁଖ୍ୟ ଫାଟକ, ଲ୍ୟାଣ୍ଡ ସ୍କେପିଂ ଇତ୍ୟାଦି ପାଣିକୋଇଲି ଆର୍‌ଏଣ୍ଡ ବି ତଥା ପୂର୍ତ୍ତ ଡିଭିଜନ ଅଧୀନରେ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଢାବା, ଝୁମ୍ପୁଡି ହୋଟେଲ, ଜଳଖିଆ ଦୋକାନ, ଗୁପଚୁପ, ଚାଟ୍ ଆଦି ଖାଦ୍ୟ ପଦାର୍ଥ ନମୁନାକୁ ପରୀକ୍ଷା କରିବାକୁ ସହଜ ହେବ। ବର୍ତ୍ତମାନ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପରୀକ୍ଷାଗାର ଉପରେ ନିର୍ଭର ହେବାକୁ ପଡୁଛି ବୋଲି ଖାଦ୍ୟ ନୀରିକ୍ଷଣ ଅଫିସର ରାକେଶ ସାହୁ ସୂଚନା ପ୍ରଦାନ କରିଛନ୍ତି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ସହର, ସଦର ମହକୁମା ଯାଜପୁର ସମେତ ଚଣ୍ଡିଖୋଲ, ଜାରକା, ପାଣିକୋଇଲି, ଦାନଗଦି, ଢ୍ଢୁରୀ, ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବଡ଼ ହୋଟେଲ, ରେଷ୍ଟୁରାଣ୍ଟ, ଢାବା, ଫାଷ୍ଟଫୁଡ୍ ଉପରେ ଲୋକେ ନିର୍ଭର କରୁଛନ୍ତି। ହେଲେ ବିପଦମୁକ୍ତ ଖାଦ୍ୟ ଖାଇବା ସେମାନଙ୍କ ପାଇଁ ସ୍ୱପ୍ନ ହୋଇଛି । ରାସ୍ତାକଡ଼ରେ ମିଳୁଥିବା ବିଭିନ୍ନ ଛଣା ଜିନିଷ ଖାଇ ଲୋକେ କର୍ମକ୍ଷେତ୍ରକୁ ଚାଲି ଯାଉଛନ୍ତି । ହେଲେ ଉକ୍ତ ଖାଦ୍ୟ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟହାନୀର କାରଣ ହୋଇଛି । ଏଠାରେ ଖାଦ୍ୟ ନମୁନା ସଂଗ୍ରହ ହେଉଥିଲେ ହେଁ ଉପଯୁକ୍ତ ଭାବେ ପରୀକ୍ଷା ହେଉ ନ ଥିବାରୁ ତା'ର ମାନ ସମ୍ପର୍କରେ କିଛି ଜଣା ପଡୁ ନାହିଁ । ଫଳରେ ଜିଲାର ବିଭିନ୍ନ ସ୍ଥାନ ଭେଜାଲ ଓ ଅପମିଶ୍ରଣ ଖାଦ୍ୟ ସାମଗ୍ରୀର ଚରାଭୂଇଁ ପାଲଟିଛି । ରାସ୍ତାକଡ଼ରେ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଉଠାଦୋକାନୀଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ସେହିସବୁ ଖାଦ୍ୟର ଗୁଣବତ୍ତା ଠିକ୍ ଅଛି ନା ନାହିଁ ଜାଣିବା ସହଜ ହେଉନାହିଁ । ସ୍ୱାସ୍ଥ୍ୟ ବିଭାଗ




ମଧ୍ୟ ଏଥିପ୍ରତି ସେତେଟା ଯତ୍ନଶୀଳ ନ ଥିବା ମନେ ହେଉଛି। କୌଣସି ହୋଟେଲ ବ୍ୟବସାୟୀଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିଥିବା ଭଳି ନଜିର ନାହିଁ। ବିଶେଷକରି ବ୍ୟାସନଗର ସହରର ଜନସଂଖ୍ୟା ଦେଢ ଲକ୍ଷକୁ ଟପିଲାଣି । ଏଠାରେ ଅନେକ ବଡ ହୋଟେଲ ଓ ରେଷ୍ଟୁରାଣ୍ଟ ଗଢି ଉଠିଛି। ହେଲେ କେତେକ ହୋଟେଲ ନିମ୍ନମାନର ପନିପରିବା ଓ ଖାଦ୍ୟ ସାମଗ୍ରୀରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରୁଥିବା ଅଭିଯୋଗ ହେଉଛି। ଜନସାଧାରଣଙ୍କୁ ବିଷାକ୍ତ ଓ କ୍ଷତିକାରକ ଖାଦ୍ୟରୁ ସୁରକ୍ଷା ଦେବା, ଖରାପ ଖାଦ୍ୟ ବିକ୍ରୀକୁ ବନ୍ଦ କରିବା, ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକ୍ରୀ କରୁଥିବା ବ୍ୟବସାୟୀଙ୍କୁ ନିୟନ୍ତ୍ରଣ କରିବା ସ୍ୱାସ୍ଥ୍ୟ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଏଥିପାଇଁ ପ୍ରିଭେନ୍ସନ ଅଫ୍ ଫୁଡ ଆଡଲଟରେଶନ ଆଇନ କାର୍ଯ୍ୟକାରୀ କରାଯାଇଛି । ଖାଦ୍ୟ ନମୁନା ସଂଗ୍ରହ କରିବା ଓ ପବ୍ଲିକ ଆନାଲିଷ୍ଟଙ୍କ ନିକଟକୁ ମାନ ପରୀକ୍ଷା ପାଇଁ ପଠାଇବା ଖାଦ୍ୟ ନୀରିକ୍ଷକଙ୍କ କାର୍ଯ୍ୟ । ଖାଦ୍ୟ ପରୀକ୍ଷା ପରେ ଯଦି କୌଣସି ଦୋକାନୀ କିମ୍ବା ଖାଦ୍ୟ ପଦାର୍ଥ ପ୍ରସ୍ତୁତକାରୀ ସଂସ୍ଥା ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ସେମାନଙ୍କୁ ଅତି କମ୍‌ରେ ୬ ମାସ ଜେଲଦଣ୍ଡ ଏବଂ ୧୦୦୦ ଟଙ୍କା ଜରିମାନା ବ୍ୟବସ୍ଥା ରହିଛି । କିନ୍ତୁ ପରିତାପର ବିଷୟ ଯେ ଖାଦ୍ୟ ନମୁନା ପରୀକ୍ଷା କରିବା ତ ଦୂରର କଥା ଆବଶ୍ୟକ ଅନୁଯାୟୀ ସଂଗ୍ରହ ମଧ୍ୟ ହେଉ ନାହିଁ ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଖାଦ୍ୟର ଗୁଣବତ୍ତା ପରୀକ୍ଷା କରାଯାଇ ହୋଟେଲ ଏବଂ ରେଷ୍ଟରାଣ୍ଟକୁ ଫୁଡ୍ ଲାଇସେନ୍ସ ଦେବା ସରକାରଙ୍କ ନିୟମ ରହିଛି । କିନ୍ତୁ ସହରର ଅଧିକାଂଶ ହୋଟେଲ ଓ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀ ବିନା ଲାଇସେନ୍ସରେ ଚାଲିଛି । ଅପମିଶ୍ରଣ ଖାଦ୍ୟ ଖାଇ ବେଳେ ବେଳେ ବହୁ ଲୋକ ଓ କୋମଳମତି ଶିଶୁ ଖାଦ୍ୟ ସଂକ୍ରମଣର ଶିକାର ହେଉଛନ୍ତି। ସେହିପରି ପ୍ୟାକିଂ ବୋତଲ କିମ୍ବା ପାଉଚରେ ଅତି ନିମ୍ନମାନର ପାଣି ପ୍ୟାକିଂ କରାଯାଉଥିବା ବହୁ ସମୟରେ ଅଭିଯୋଗ ହେଉଛି । ତେବେ ଏହି ସବୁ ସମସ୍ୟା ଜିଲାରେ ଖାଦ୍ୟ ପରୀକ୍ଷାଗାର ପ୍ରତିଷ୍ଠା ହେଲେ ଦୂର ହେବାର ଆଶା ଉଦ୍ଜୀବିତ ହୋଇଛି।

# ଇତିହାସ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମଞ୍ଚାସୀନ ଅତିଥି।

## ଧର୍ମଶାଳା ମହାବିଦ୍ୟାଳୟ

**ଧର୍ମଶାଳ,୨୮।୮(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏନେଇ ମହାବିଦ୍ୟାଳୟ ପରିସରରେ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଇତିହାସ ବିଭାଗର ପୂର୍ବତନ ପ୍ରଧାପକ ଡ. ବ୍ରଜବନ୍ଧୁ ଭଞ୍ଜ ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ଇତିହାସ ବିଷୟର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ବିଭାଗର ମୁଖ୍ୟ ଅଧାପିକା ଡ. ରେଖାରାଣୀ ଖୁଣ୍ଟିଆ ଓ ଅଧାପକ ଶ୍ରୀଧର ମହାକୁଡ଼ ନୂତନ ଛାତ୍ରୀଛାତ୍ରଙ୍କୁ ଇତିହାସ ବିଷୟ ଉପରେ କହିଥିଲେ। ଅଧାପକ ବିଶ୍ୱଜିତ୍ ନାୟକ ଧନ୍ୟବାଦ ଦେଇଥିଲେ।

# ସରୋଜିନୀ ଥିଲେ ଆଦର୍ଶ ଶିକ୍ଷୟିତ୍ରୀ



ସରୋଜିନୀ ଦାସଙ୍କ ସ୍ମୃତି ସଭାରେ ଯୋଗଦେଇଥିବା ଅତିଥି।

**କାଏମା,୨୮।୮(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ବ୍ଲକ ଅଧୀନ ଜାରକା ଅଞ୍ଚଳର ଆଦର୍ଶ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ବୁଧବାର ପାଳିତ ହୋଇଯାଇଛି। ସରୋଜିନୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଛି। ଶାନ୍ତିବଜାରସ୍ଥିତ ସମ୍ରାଟ ମଣ୍ଡପରେ ସଭାପତି ଡ. ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗ ପ୍ରଫେସର ଡ. ଅନସୂୟା ନାଥ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯାଜପୁରର ପୂର୍ବତନ ଏମ୍‌ପି ରୀତା ତରାଇ ମୁଖ୍ୟଅତିଥି, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଫେସର ଡ. ବିଜୟଲକ୍ଷ୍ମୀ ଦାଶ ମୁଖ୍ୟବକ୍ତା ଓ ଯାଜପୁର ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସରୋଜିନୀଙ୍କ ସ୍ମୃତିଚାରଣ କରିବା ସହ ସେ ସ୍ଥାନୀୟ ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ ବୋଲି କହିଥିଲେ। ପରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବା ଆଦି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବିଭିନ୍ନ ବ୍ୟକ୍ତିତ୍ୱ ଯଥା ; ନିବେଦିତା ପାଣି, ଡା. ମମତା ନାୟକ ଓ ମାଧୁରୀ ଶତପଥୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସାହିତ୍ୟିକ ତଥା ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ରଚିତ କବିତା ସଙ୍କଳନ 'ପ୍ରୀତିନନ୍ଦା' ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିଲାବେଳେ ସମ୍ପାଦକ ଡ. ଚିତ୍ତ ରଞ୍ଜନ ମହାନ୍ତି ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ବୈଦ୍ୟନାଥ ନାଥ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାନ୍ତ ସ୍ୱାଇଁ, କାହ୍ନୁଚରଣ ଦାଶ, ଅର୍ଜୁନ ପୃଷ୍ଟି, ଆଲୋକ କର, ବିନୋଦ ଚିନାରା, ରାମଚନ୍ଦ୍ର ବାରିକ, ତପନ କୁମାର ପରିଡା, କୃଷ୍ଣ ଚନ୍ଦ୍ର ପାତ୍ର, ସୁଜାତା ଦାସ ଓ ପ୍ରେମଲତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସଂସଦ ତରଫରୁ ଅର୍ପିତା ପଟ୍ଟନାୟକ, ଶୀତିକେଣ୍ଠ ମହାନ୍ତି, ବଦ୍ରୀନାରାୟଣ ଦାସ, ସୁରେନ୍ଦ୍ର ସାହୁ, ଅକ୍ଷୟ ପ୍ରଧାନ, ରମେଶ ଲେଙ୍କା ଓ ରମେଶ ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଫସଲର ଏମ୍‌ଏସ୍‌ପି ଆଇନ ସମ୍ମତ ପାଇଁ ଦାବି



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଯାଜପୁର ଟାଉନ,୨୮।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାନ ସମେତ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ଆଇନ ସମ୍ମତ କରିବାକୁ ବୁଧବାର ଯାଜପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଦର୍ଶାଯାଇଛି, ଭାଜପା କେନ୍ଦ୍ରରେ ଲଗାତାର ୩ ଥର କ୍ଷମତାରେ ଥିଲେବି ଚାଷୀଙ୍କର ଦାବିକୁ ଏ ପର୍ଯ୍ୟନ୍ତ ପୂରଣ କରୁନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ଏମ୍‌ଏସ୍‌ପି ଆଇନ ସମ୍ମତ କରିବାକୁ ଦାବି କରିଥିଲେ। ମାତ୍ର ଏବେ ମୋଦି ୧୦ବର୍ଷ ଧରି କ୍ଷମତାରେ ଥିଲେବି ନିଜ କ୍ଷମତା ବଳରେ ଏହାକୁ କାହିଁକି କାର୍ଯ୍ୟକାରୀ କରୁନାହାନ୍ତି ?। ଅପରପକ୍ଷରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ କି, ତାଙ୍କ ମେଣ୍ଟ କ୍ଷମତାକୁ ଆସିଲେ ଏହାକୁ ଲାଗୁ କରିବ। ବର୍ତ୍ତମାନ ତାଙ୍କ ମେଣ୍ଟ କେନ୍ଦ୍ର କ୍ଷମତାରେ ନ ଥିଲେବି କଂଗ୍ରେସ ସମେତ ସହଯୋଗୀ ଦଳଗୁଡ଼ିକ ବିଭିନ୍ନ ରାଜ୍ୟରେ ଶାସନରେ ଅଛନ୍ତି। ସେଠାରେ ଯଦି ବିଧାନସଭାରେ ଏହାକୁ ପାସ କରି କେନ୍ଦ୍ରର ଅନୁମୋଦନ ନିମିତ ପଠାନ୍ତେ ତେବେ କେନ୍ଦ୍ର ଉପରେ ଏକ ଚାପ ସୃଷ୍ଟି ହୁଅନ୍ତା। ସେହିପରି ଆସନ୍ତା ସଂସଦ ଅଧିବେଶନରେ ପ୍ରଧାନମନ୍ତ୍ରୀ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରାଇବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଗଠନ ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ଜିଲା ସମ୍ପାଦକ ଦିଲ୍ଲୀପ ଶଙ୍କର ବେହେରା, ମାଧବ ଶାନ୍ତି, ସୁବ୍ରତ ସାହୁ, ମହେଶ୍ୱର ସ୍ୱାଇଁ, ଧନଞ୍ଜୟ ବିଶ୍ୱାଳ, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ଆମ୍ବୁଲାନ୍ସ ସେବା, ନର୍ସିଂ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ଯାଜପୁର ଟାଉନ,୨୮।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ବ୍ଲକ ଅଧୀନ ଭୁବନେଶ୍ୱରପୁର ପଞ୍ଚାୟତରେ ସେଣ୍ଟ ଜୋହନ ଆମ୍ବୁଲାନ୍ସ ସେବା ଓ ନର୍ସିଂ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଗ୍ରାମାଞ୍ଚଳରେ ନର୍ସିଂ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଏମ୍‌ପି କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ବିଡିଓ ସ୍ୱାଗତ ଦାସ, ଏମ୍‌ପିଙ୍କ ପ୍ରତିନିଧି ଫଣୀନ୍ଦ୍ର ମିଶ୍ର, ଏମ୍‌ପିଙ୍କ ସ୍ତ୍ରୀ ଡା. ସର୍ମିଳା ବେହେରା ଓ ସେଣ୍ଟ ଜୋହନ ଆମ୍ବୁଲାନ୍ସ ସେବାର ସମ୍ପାଦକ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଭୁବନେଶ୍ୱରପୁରରେ ଥିବା ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏମ୍‌ପି ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ବ୍ୟବସ୍ଥା, ଖାଦ୍ୟର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପ୍ରଧାନଶିକ୍ଷକ ରମେଶ ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଆମ୍ବୁଲାନ୍ସ ସେବା, ନର୍ସିଂ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଡିଜିଟାଇଜଡ୍ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ ସଚେତନତା

## ବୋର୍ଡ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି

**କଟକ,୨୮।୮ (କାର୍ତ୍ତିକ ସାହୁ)** ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ କୃତକାର୍ଯ୍ୟ ପରୀକ୍ଷାର୍ଥୀମାନେ ସେମାନଙ୍କ ଡିଜିଟାଇଜଡ ସାର୍ଟିଫିକେଟ୍ ଅନ୍‌ଲାଇନ୍ ଜରିଆରେ ଡାଉନ୍‌ଲୋଡ୍ କରିବେ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବ୍‌ସାଇଟ୍ www.bseodisha.ac.inରୁ ଡିଜିଟାଇଜଡ୍ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବା ନିମନ୍ତେ ଜିଲା ଶିକ୍ଷାଧିକାରୀମାନେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବେ। ଏନେଇ ବୋର୍ଡ ପକ୍ଷରୁ ବୁଧବାର ଏକ ଚିଠି ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଅନ୍‌ଲାଇନ୍‌ରୁ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରିବା ପ୍ରକ୍ରିୟା ଉକ୍ତ ଚିଠିରେ ଦର୍ଶାଯାଇଥିବା ଜଣାପଡିଛି। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହାକୁ ବହୁଳ ଭାବରେ ପ୍ରଚାର କରାଇ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି।

# ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା

**ଯାଜପୁର ଟାଉନ,୨୮।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ବ୍ଲକ୍ ଅନ୍ତର୍ଗତ ଭୁବନେଶ୍ୱରପୁର ମଣ୍ଡଳ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ବୁଧବାର ମାଳଆନନ୍ଦପୁର ପଞ୍ଚାୟତର ନୁରୁଗାଁ ହେଙ୍ଗୁଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ଗୌତମ ରାୟ ଯୋଗଦେଇ ନୂତନ ସଦସ୍ୟତା ଉପରେ ଗୁରୁତ୍ୱ ଦେବାସହ ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସଦସ୍ୟମାନଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁଦୀପ୍ତ କୁମାର ପଣ୍ଡା, ସୁରଜ ଲାଲ ସାମଲ, ଜିତାମିତ୍ର ଦାସ, ପ୍ରଦୀପ ଧଳ, ମିଲନ ଦାସ, ଝୁମୁକୀ ଜେନା, ରମାକାନ୍ତ ମିଶ୍ର, ଦେବେନ୍ଦ୍ର ନନ୍ଦ, କୁଳମଣୀ ପରିଡା, ନିରଞ୍ଜନ ବଳ, ପ୍ରଫୁଲ୍ଲ ସାହୁ, ଶ୍ରୀଧର ବିଶ୍ୱାଳ, ରଜନୀକାନ୍ତ ପଣ୍ଡା, ଚକ୍ରଧର ସେଠୀ, ତପନ ନନ୍ଦ, ମନୋଜ ପଣ୍ଡା ଓ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତି ଆବରଣକୁ ନେଇ ପ୍ରତିବାଦ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିବିଶେଷ।

**ଯାଜପୁର ଟାଉନ,୨୮।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଥିବା କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଗେରୁଆ କପଡ଼ାରେ ଆବରଣ କରି ରଖାଯାଇଛି। ଏଥିସହିତ ପ୍ରତିମୂର୍ତ୍ତି ତଳେ ଏକ ଭଙ୍ଗା ଚେୟାର ରଖି କେତେକ ଗଣମାଧ୍ୟମରେ ପ୍ରଚାର କରାଯାଉଛି। ଏହାକୁ ନେଇ ପ୍ରତିବାଦର ସ୍ୱର ଉଠିଛି। ଅଞ୍ଚଳର ଲୋକେ ଏହାର ପ୍ରତିବାଦ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, କଳ୍ପତରୁ ବିଧାୟକ, ମନ୍ତ୍ରୀ ଓ ରାଜ୍ୟ ସଭା ସଦସ୍ୟ ଥିବାବେଳେ ଧର୍ମଶାଳାରେ ଓଡ଼ିଶାର ଏକ ଆଦର୍ଶ ଷ୍ଟାଡିୟମ ଓ ପାର୍କ ନିର୍ମାଣ କରିଥିଲେ। ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ପରିସରରେ କଳ୍ପତରୁଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ତାଙ୍କ ବିୟୋଗ ପରେ ୨୯ ଜୁଲାଇ ୨୦୧୫ରେ ଧର୍ମଶାଳା ବ୍ଲକ୍‌ର ୯ମ ସାଧାରଣ ଅଧିବେଶନରେ ଷ୍ଟାଡିୟମ୍ ଓ ଶିଶୁ ଉଦ୍ୟାନକୁ ତାଙ୍କ ନାମରେ କରାଯାଇଥିଲା।

ମାତ୍ର ୨୪ ଅଗଷ୍ଟ ୨୦୨୪ରେ ଭାଜପାର ଏକ ଜିଲାସ୍ତରୀୟ କର୍ମକର୍ତ୍ତା ସମାବେଶ ଉକ୍ତ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ଏବଂ ସେହିଦିନ ସଭା ପୂର୍ବରୁ ପ୍ରତିମୂର୍ତ୍ତିକୁ ଏକ ଗେରୁଆ ଚାଦର ଘେରାଉ କରି ତଳେ ଏକ ଭଙ୍ଗା ଚେୟାର ପକାଇ ଗଣମାଧ୍ୟମରେ ପ୍ରଚାର କରାଯାଇଥିଲା। ଧର୍ମଶାଳା ବ୍ଲକ୍ ଅଧୀନରେ ଉକ୍ତ ଷ୍ଟାଡିୟମ ଥିବାରୁ ବିଡିଓ ଏ ସମ୍ପର୍କରେ ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଧର୍ମଶାଳାରେ ବହୁ ବିକାଶ କାର୍ଯ୍ୟ କରିଥିବା କଳ୍ପତରୁଙ୍କ ପ୍ରତିମୂର୍ତ୍ତିକୁ ଏପରି ଅବମାନନା କରିବା ଦୁଃଖଦ ଘଟଣା। ଏ ଦିଗରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବ୍ଲକ ଓ କଳ୍ପତରୁ ଦାସ ଷ୍ଟାଡିୟମରେ ଥିବା ପ୍ରତିମୂର୍ତ୍ତି ଅକ୍ଷୁଣ୍ଣ ରଖିବା ପାଇଁ ଧର୍ମଶାଳା ଅଞ୍ଚଳବାସୀଙ୍କ ତରଫରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

# ପ୍ରଶସ୍ତୀକରଣ କାର୍ଯ୍ୟ ବନ୍ଦ କରିବାକୁ ଦାବି

## ବୁଢ଼ାଘାଟଠାରୁ ମାନସାପୋଲ ଏନ୍‌ଏଚ ୨୦ ସର୍ଭିସ୍ ରୋଡ୍

**ଯାଜପୁର ଟାଉନ,୨୮।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲାର ବୁଢ଼ାଘାଟଠାରୁ ମାନସାପୋଲ ପର୍ଯ୍ୟନ୍ତ ଏନ୍‌ଏଚ୍ ୨୦ ସର୍ଭିସ୍ ରୋଡର ପ୍ରଶସ୍ତୀକରଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଦାବି ହୋଇଛି। ଏନେଇ ପ୍ରଶସ୍ତୀକରଣ ବିରୋଧୀ ଜନମଞ୍ଚ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କୁଆଖିଆଠାରୁ ଧାମରା ଭାୟା-ବାଣପୁର-ନୂଆଗୋବିନ୍ଦପୁର, ବାଛିଆରି, ବାଲିଆମୁଣ୍ଡୁଳୀ ଆଦି ଗ୍ରାମ ଦେଇ ନୂତନ ଜାତୀୟ ରାଜପଥ ନଂ.୨୦ର ଜମି ଅଧିଗ୍ରହଣ କାର୍ଯ୍ୟ ସରିବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ପୁନର୍ବାର ବୁଢ଼ାଘାଟଠାରୁ ମାନସାପୋଲ ପର୍ଯ୍ୟନ୍ତ ପୁରୁଣା ଏନ୍‌ଏଚ-୨୦(ସର୍ଭିସ୍ ରୋଡ)ର ପ୍ରଶସ୍ତୀକରଣ ନିମନ୍ତେ ମାପଚୁପ କରାଯାଉଛି। ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଶିକ୍ଷାନୁଷ୍ଠାନ ଯଥା ; ଯୁକେ ଉଚ୍ଚ ବିଦ୍ୟାଳୟ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କ୍ରାନିୟମ୍ ସାଇନ୍ସ କଲେଜ୍, ଲିସିୟମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୟୋକୋ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କ ଏହିପରି ବହୁତ ଅନୁଷ୍ଠାନ କ୍ଷତିଗ୍ରସ୍ତ ହେବ। ଏନେଇ ୨୦୨୩ ନଭେମ୍ବର ୨୨ରେ ରାସ୍ତା ପ୍ରଶସ୍ତୀକରଣକୁ ବିରୋଧ କରି ଯାଜପୁର ସହକାରୀ ତହସିଲଦାର ଏବଂ ଯାଜପୁର ଏନ୍‌ଏଚ୍-୨୦ ଜମି ଅଧିଗ୍ରହଣ ଅଧିକାରୀଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଦରଖାସ୍ତକୁ ଗ୍ରହଣ କରି ନ ଥିଲେ। ତେଣୁ ବିରୋଧୀ ଜନମଞ୍ଚ ତରଫରୁ ପୋଷ୍ଟାଲ ଜରିଆରେ ୨୦୨୩ ନଭେମ୍ବର ୨୩ରେ ପୁର୍ନବାର ଉପରୋକ୍ତ ଅଧିକାରୀ ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ପୋଷ୍ଟାଲ୍ ଜରିଆରେ ଦାବିପତ୍ର ପଠାଯାଇଥିଲା। ସର୍ଭିସ୍‌ରୋଡର ପ୍ରଶସ୍ତୀକରଣ କରାଗଲେ ସ୍କୁଲ୍ ଓ କଲେଜ୍‌ର ଛାତ୍ରୀଛାତ୍ର ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଦୁର୍ଘଟଣାର ଶିକାର ହେବେ। ଏହି ରାସ୍ତାରେ ଚାଲିଥିବା ବେଆଇନ ମାପଚୁପ ଯୋଗୁ ଲୋକେ ବିସ୍ଥାପିତ ହେବା ଭୟରେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ବେଆଇନମାପ ଚୁପକୁ ସ୍ଥାୟୀ ଭାବେ ବନ୍ଦ କରିବା ଏବଂ କ୍ଷମତା ପ୍ରାପ୍ତ ଅଫିସର ବିରୋଧୀ ଜନମଞ୍ଚ ସହିତ ଆଲୋଚନା ମାଧ୍ୟମରେ ସ୍ଥାୟୀ ସମାଧାନ କରିବା ପାଇଁ ଜନମଞ୍ଚ ତରଫରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।




ପ୍ରଶସ୍ତୀକରଣ ବିରୋଧୀ ଜନମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯାଇଥିଲା।

**ଦେବୀ ମୂର୍ତ୍ତି ପାଇଁ ମାଟି ଅନୁକୂଳ**

ଏରସମା,(ଦୀପ୍ତି ଖଣ୍ଡୁଆଳ): ଏରସମା ଦେବୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଥିବା ସାର୍ବଜନୀନ ଦୁର୍ଗା ପୂଜା ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ମାଟି ଅନୁକୂଳ ହୋଇଯାଇଛି। ନନ୍ଦ ଉତ୍ସବର ପବିତ୍ର ଦିବସରେ ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ତୁଲୁପୋଦା ସେତୁ ନିକଟରେ ଅନୁଷ୍ଠିତ ଏହି ଉତ୍ସବରେ କର୍ତ୍ତା ଭାବେ ଦେବେନ୍ଦ୍ର କିଶୋର ଜେନା କାର୍ଯ୍ୟ ସମ୍ପାଦନ କରିଥିଲେ। ସେଠାରେ ଭୂମି ପୂଜା କରାଯାଇ ମାଟିକୁ ଶୋଭାଯାତ୍ରାରେ ଦେବୀ ମଣ୍ଡପକୁ ଅଣାଯାଇଥିଲା। ଏଥିରେ ବିଜୟ ପାଲ, ଛବିନ୍ଦ୍ର ତରାଇ ପ୍ରମୁଖ ସାର୍ବଜନୀନ ଦୁର୍ଗା ପୂଜା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୩.୯୭ ଲକ୍ଷ ଚାରା ହିତାଧିକାରୀ, ଅନୁଷ୍ଠାନକୁ ବିତରଣ

- ବିଧାୟକ ଅମରେନ୍ଦ୍ରଙ୍କୁ ବିଧାନସଭାରୁ ମିଳିଲା ଉତ୍ତର
- ୫ ବର୍ଷରେ ୭୮ କି.ମି. ପଥପାର୍ଶ୍ୱ ବନୀକରଣ
- ଅନୁମୋଦନ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ହିତାଧିକାରୀ ଚୟନ

**ଜଗତ୍‌ସିଂହପୁର, ୨୮।୮ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଭାଜପା ବିଧାୟକ ଅମରେନ୍ଦ୍ର ଦାସ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଗତ ୫ବର୍ଷରେ ଚାରାରୋପଣ ସଂକ୍ରାନ୍ତୀୟ କେତେଗୋଟି ପ୍ରଶ୍ନ ବିଧାନସଭାରେ ପଚାରିଥିଲେ। ଏହାର ଉତ୍ତର ମିଳିଛି। ଏ ସମ୍ପର୍କରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉତ୍ତରରେ ଦର୍ଶାଇଛନ୍ତି, ଏହି ନିର୍ବାଚନମଣ୍ଡଳୀରେ ବିଗତ ୫ ବର୍ଷରେ ଚାରାରୋପଣ ପାଇଁ କୌଣସି ସଂସ୍ଥାକୁ ନିୟୋଜିତ କରାଯାଇନାହିଁ। କେବଳ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବନୀକରଣ କାର୍ଯ୍ୟ କରାଯାଇଛି। ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀରେ ବିଗତ ୫ବର୍ଷ ଯଥା ୨୦୧୯-୨୦ରୁ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୭୮ କିଲୋମିଟର ପଥପାର୍ଶ୍ୱ ବନୀକରଣ କରାଯାଇଛି। ଏଥିସହ ସହରାଞ୍ଚଳରେ ୯ ହଜାର ଚାରା ସହ ବନୀକରଣ କରାଯାଇଛି। ନିର୍ବାଚନମଣ୍ଡଳୀର ଅନ୍ୟତ୍ର ମୋଟ ୨୦ ହଜାର ଚାରା ରୋପଣ କରାଯାଇ ପାରିଛି। ହିତାଧିକାରୀ ଓ ଅନୁଷ୍ଠାନଗୁଡ଼ିକୁ ନିଜସ୍ୱ ବାଡ଼ ବଗିଚାରେ ଲଗାଇବା ପାଇଁ ୩.୯୭ ଲକ୍ଷ ଚାରା ବିତରଣ କରାଯାଇଛି। କନ୍ଦରପୁରରୁ ଜଗତ୍‌ସିଂହପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ ଉଭୟପାର୍ଶ୍ୱରେ ଚାରାରୋପଣ ହୋଇନାହିଁ। ରାସ୍ତା ନିର୍ମାଣର ଶେଷ ହେବା ପରେ ଚାରା ରୋପଣ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଏହି ଉତ୍ତର ପରେ ସାଧାରଣରେ ଆଲୋଚନା ଜୋର ଧରିଛି। ପ୍ରତିବର୍ଷ ବନ ବିଭାଗ ଚାରାରୋପଣ କରୁଥିବା ଦର୍ଶାଉଛି। କିନ୍ତୁ ଏହା କେବଳ କାଗଜକଲମରେ ବୋଲି ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି। ସେମାନଙ୍କ ଯୁକ୍ତି ହେଲା ଜଗତ୍‌ସିଂହପୁର ବିଧାନସଭା ସମେତ ପାରାଦୀପ, ତିର୍ତ୍ତୋଲ ଓ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ପ୍ରତିବର୍ଷ ଯେତେ ସଂଖ୍ୟାରେ ଗଛ ଲଗାଯାଇଥିବା ଦର୍ଶାଯାଉଛି ତାହା ଯଦି ସତ୍ୟ ହୋଇଥାନ୍ତା ତେବେ ଜିଲାରେ ଜଙ୍ଗଲର ଭ୍ରମ ସୃଷ୍ଟି କରୁଥାନ୍ତା। ଏ ବାବଦରେ କୋଟି କୋଟି ଟଙ୍କା ଚଳୁ କରାଯାଉଛି ବୋଲି ଅଭିଯୋଗ ହେଉଛି।

ଅନୁରୂପ ଭାବେ ବିଧାୟକ ଦାସଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଦର୍ଶାଇଛନ୍ତି, ସ୍ଥାୟୀ କ୍ରମ ତାଲିକା (ପିଡବ୍ଲ୍ୟୁଏଲ୍)ରେ ଉଲ୍ଲେଖ ଥିବା ପରିବାରବର୍ଗଙ୍କ ମଧ୍ୟରୁ ହିତାଧିକାରୀ ଚୟନ କରାଯାଇଥାଏ। ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ସାମାଜିକ, ଆର୍ଥିକ ଓ ଜାତିଗତ ଜନଗଣନା (ଏସ୍‌ଇସିସି) ୨୦୧୧ସର୍ଭେ ଆଧାରରେ ଏହି ସ୍ଥାୟୀ କ୍ରମ ତାଲିକା ପ୍ରସ୍ତୁତ କରାଯାଇଥିଲା। କିନ୍ତୁ ୨୦୨୧-୨୨ ଆର୍ଥିକ ବର୍ଷରୁ ଅଦ୍ୟାବଧି ଆବାସ ପ୍ଲସ ସର୍ଭେ ଆଧାରରେ ପ୍ରସ୍ତୁତ ହୋଇଛି। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଞ୍ଜୁରରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ସର୍ଭେ ପ୍ରକ୍ରିୟା ଆରମ୍ଭ କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଗ୍ରାମୀଣ ଉନ୍ନୟନ ମନ୍ତ୍ରଣାଳୟକୁ ଅନୁରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ଅନୁମୋଦନପ୍ରାପ୍ତ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ମାର୍ଗଦର୍ଶିକା ଆଧାରରେ ଯୋଗ୍ୟ ପରିବାରକୁ ଚୟନ କରାଯିବ ବୋଲି ମନ୍ତ୍ରୀ ନାଏକ ସୂଚନା ଦେଇଛନ୍ତି। ଏହି ସୂଚନା ଅନେକ ଯୋଗ୍ୟ ହିତାଧିକାରୀଙ୍କୁ କେତେକାଂଶରେ ଆଶ୍ୱସ୍ତ କରିଛି।

# ସଜେଇ ହେଉଛି ପାରାଦୀପ ବନ୍ଦର ସହର


ବିଶ୍ୱକର୍ମା ପୂଜା ପାଇଁ ନିର୍ମାଣାଧୀନ ତୋରଣ।

**ପାରାଦୀପ,୨୮।୮(ଶରତ ରାଉତ)**

## ଆଗକୁ ବିଶ୍ୱକର୍ମା ପୂଜା ମହୋତ୍ସବ

ପାରାଦୀପର ଅନ୍ୟତମ ଗଣପର୍ବ ବିଶ୍ୱକର୍ମା ପୂଜା ମହୋତ୍ସବ ସେପ୍ଟେମ୍ବର ୧୬ରୁ ଆରମ୍ଭ ହେବ। ଏଥିପାଇଁ ବନ୍ଦର ସହରରେ ଏବେଠାରୁ ପୂଜା ଆୟୋଜକମାନେ ମଣ୍ଡପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ବିଶେଷକରି ବ୍ୟାଙ୍କ ଲେନ୍ ଛକ ପାଖରେ ୧୪ଟି ବଡ଼ ମଣ୍ଡପ ଓ ତୋରଣ ନିର୍ମାଣ ଚାଲିଛି। ବୁଧବାର ସୁଦ୍ଧା ଅଧିକାଂଶ ମଣ୍ଡପର ପ୍ରାୟ ୫୦ ପ୍ରତିଶତ କାମ ହୋଇ ଗଲାଣି। ସୂଚନାଯୋଗ୍ୟ, ଚଳିତବର୍ଷ ବିଶ୍ୱକର୍ମା ପୂଜାରେ ପ୍ରାୟ ସବୁ ଆୟୋଜକ ବ୍ୟାଙ୍କ ଲେନ୍ ଅଞ୍ଚଳରେ ଆୟୋଜନ କରିଛନ୍ତି। ୨୦୨୦ରୁ ୨୦୨୨ ତିନି ବର୍ଷ ପୂଜା ମହୋତ୍ସବ ସମ୍ପୂର୍ଣ୍ଣ ବନ୍ଦ ଥିଲା। ୨୦୨୩ରେ ୭ଟି ମଣ୍ଡପ ବ୍ୟାଙ୍କ ଲେନ୍ ପାଖରେ କରିଥିଲେ। ଚଳିତଥର ଆକର୍ଷଣୀୟ କରିବାକୁ ଆୟୋଜକମାନଙ୍କ ମଧ୍ୟରେ ଅଘୋଷିତ ପ୍ରତିଯୋଗିତା ଚାଲିଛି।

# ନାବାଳିକାଙ୍କୁ ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ଜଗତ୍‌ସିଂହପୁର, ୨୮।୮ (ପ୍ରମୋଦ କୁମାର ନାୟକ)**

୨୦୧୭ ମସିହାରେ ଜଣେ ନାବାଳିକାଙ୍କୁ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ବଗଦିଆ ନୂଆସାହି ଗ୍ରାମର ମଣ୍ଟୁ ମାଝି (୨୯) ନିଜ ଇଚ୍ଛାରେ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ଏଥିଯୋଗୁ ନାବାଳିକା ଗର୍ଭବତୀ ହୋଇଥିଲେ। ଏହି ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତ ମଣ୍ଟୁଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଅନ୍ୟପକ୍ଷେ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ବିଚାରପତି ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାଶ କହିଛନ୍ତି, ମଣ୍ଟୁ ନାବାଳିକାଙ୍କୁ ନିଜ ଆଡ଼ୁ ଭଲ ପାଇ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲେ। ଯେଉଁ କାରଣରୁ ନାବାଳିକା ୩ ମାସର ଗର୍ଭବତୀ ହୋଇଥିଲେ। ଏ ପରିସ୍ଥିତିରେ ନାବାଳିକା ସମସ୍ତ ଘଟଣା ତାଙ୍କ ମା', ବାପାଙ୍କୁ ଜଣାଇଥିଲେ। ପରେ ପୀଡ଼ିତାଙ୍କ ମା', ବାପା ଅଭିଯୁକ୍ତଙ୍କ ମା', ବାପାଙ୍କୁ ସବୁକଥା କହିଥିଲେ। କିନ୍ତୁ ମଣ୍ଟୁଙ୍କ ପରିବାର ଲୋକେ ଗାଳିଗୁଲଜ ସହ ଧମକ ଦେଇଥିଲେ। ତେଣୁ ପୀଡ଼ିତା ୮।୩।୧୭ରେ ଥାନାର ଆଶ୍ରୟ ନେଇଥିଲେ। ଏହାପରେ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ଓକିଲ ଦାଶ ସୂଚନା ଦେଇଛନ୍ତି।

# ବାର୍ଡ ଫ୍ଲୁ ଚିନ୍ତା: ପକ୍ଷୀଙ୍କ ରକ୍ତ,ମଳ ନମୁନା ସଂଗ୍ରହ


ଜମ୍ବୁରେ ଚିକିତ୍ସକ ଟିମ୍ ପକ୍ଷରୁ ପକ୍ଷୀମାନଙ୍କ ରକ୍ତ,ମଳ ନମୁନା ସଂଗ୍ରହ କରାଯାଉଛି।

**ମହାକାଳପଡ଼ା,୨୮।୮(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ପୁରୀ ଜିଲା ପିପିଲିରେ ବାର୍ଡଫ୍ଲୁ ବ୍ୟାପିବା ପରେ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏକ ସ୍ୱତନ୍ତ୍ର ଚିକିତ୍ସକ ଦଳ କେନ୍ଦ୍ରାପଡ଼ା ଜିଲାରେ ସଚେତନତା ସୃଷ୍ଟି କରାଇବା ସହ ପକ୍ଷୀମାନଙ୍କଠାରୁ ରକ୍ତ, ମଳ ନମୁନା ସଂଗ୍ରହ କରାଯାଇ କଟକ ଜିଲା ଫୁଲନଖରା ପରୀକ୍ଷଣ କେନ୍ଦ୍ରକୁ ପଠାଯାଉଛି । ଏ ସଂକ୍ରାନ୍ତରେ ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସକ ସ୍ମୃତି ରଞ୍ଜନ ରାଉତ ସୂଚନା ଦେଇଛନ୍ତି।

ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ, ତିଖିରୀ, ଗୋଖାପଡ଼ା, କରଞ୍ଜ, ତେରଗାଁ, ସାମଯୋରି, ଗଡ଼, ରୋମିତ, ବିଜୟନଗର, ବାବର, ଓର, ଓସ୍ତର, ଯଦୁପୁର, ମଙ୍ଗଳପୁର, ରାମନଗର, ମହାକାଳପଡା, ରାଜଗଡ଼, ନାଞ୍ଜୁରା ସମେତ ବିଭିନ୍ନ ଅଞ୍ଚଳରେ ବାର୍ଡଫ୍ଲୁ ପ୍ରଚାର ଗାଡ଼ି ବୁଲି ଲୋକମାନଙ୍କୁ ସଚେତନ କରୁଛି। ଅପରପକ୍ଷେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଓ ଭିତର କନିକାରେ ଦେଶୀ,ବିଦେଶୀ ପକ୍ଷୀମାନଙ୍କ ସମାଗମ ଥିବାରୁ ବାର୍ଡ ଫ୍ଲୁ ଆଶଙ୍କା ଅଧିକ ରହିଛି । ଉପରୋକ୍ତ ଅଞ୍ଚଳର କୁକୁଡ଼ା ବ୍ୟବସାୟଙ୍କୁ ବାହାର ଜିଲାର ବ୍ୟବସାୟୀମାନେ ଗାଡ଼ିରେ କୁକୁଡ଼ା ଆଣି ଦେଉଛନ୍ତି । ତେବେ ମହାକାଳପଡ଼ା ବ୍ଲକ୍ ଅଞ୍ଚଳରେ ବାର୍ଡ ଫ୍ଲୁ ଲକ୍ଷଣ ମିଳି ନ ଥିବା ଚିକିତ୍ସକ ଟିମ୍ ପକ୍ଷରୁ କୁହାଯାଇଛି। ହେଲେ ରକ୍ତ ମଳ ନମୁନା ସଂଗ୍ରହ ଅଭିଯାନକୁ ଜୋରଦାର କରାଯାଉଛି ବୋଲି ବ୍ଲକ ଅତିରିକ୍ତ ପ୍ରାଣୀ ଚିକିତ୍ସକ ରାଉତ କହିଛନ୍ତି।

# ଭିତରକନିକାରେ ବାର୍ଡଫ୍ଲୁ ଆଶଙ୍କା ନେଇ ବନ ବିଭାଗର ସତର୍କତା

**ରାଜନଗର,୨୮।୮(ଭାସ୍କର ରାଉତରାୟ)**

ବାର୍ଡଫ୍ଲୁ ଯୋଗୁ ଉପକୂଳ ଓଡ଼ିଶାରେ ସତର୍କତା ଅବଲମ୍ବନ କରାଯାଇଛି। ପୁରୀ ଜିଲା ପିପିଲି ଅଞ୍ଚଳରେ ବାର୍ଡଫ୍ଲୁର ନମୂନା ମିଳିବା ପରେ ସେଠାରେ ପଶୁ ସମ୍ପଦ ବିଭାଗ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯିବା ସହ ଶତାଧିକ କୁକୁଡ଼ାଙ୍କୁ ପୋତିଦିଆଯାଇଛି। ଅପରପକ୍ଷେ ପିପିଲି ଘଟଣା ପରେ ରାଜନଗର ବନବିଭାଗ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପିନାଥ ଯାଦବ କହିଛନ୍ତି, ଭିତରକନିକା ଜାତୀୟ ଉଦ୍ୟାନରେ ଏବେ ହଜାର ହଜାର ସଂଖ୍ୟାରେ ଦେଶୀୟ ପକ୍ଷୀମାନଙ୍କ ସମାଗମ ହୋଇଛି। ମା' ପକ୍ଷୀମାନେ ଏବେ ପୁରୁଷ ପକ୍ଷୀଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ନୂଆଁଣିଆ କାଠି କୁଟା ଆଚ୍ଛାଦିତ ବସାରେ ଅଣ୍ଡାଦାନ କରୁଛନ୍ତି । ପୁରୁଷ ପକ୍ଷୀମାନେ ଭିତରକନିକା ସୀମା ସଂଲଗ୍ନ ବିଲବାଡ଼ି ସ୍ଥାନକୁ ଉଡିଯାଇ ଖାଦ୍ୟ ସଂଗ୍ରହ କରି ପୁଣି ମାଆ ପକ୍ଷୀ ପାଖକୁ ଫେରୁଥିବାରୁ ଏଥିପାଇଁ ଭିତରକନିକା ଜାତୀୟ ଉଦ୍ୟାନର ଚତୁଃପାର୍ଶ୍ୱରେ ନଜର ରଖାଯାଇଛି। ଏହାଛଡା ସମସ୍ତ ରେଞ୍ଜ ଅଫିସରମାନଙ୍କୁ ଏ ଦିଗରେ ଅଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେହେତୁ ଆଉ ଦିନ କେଇଟା ପରେ ବିଦେଶାଗତ ପକ୍ଷୀମାନେ ବିଭିନ୍ନ ଦେଶ ଦେଇ ଆସିବେ ବାର୍ଡଫ୍ଲୁ ପ୍ରତି ଅଧିକ ଜାଗ୍ରତ ରହିବାକୁ ପଡିବ ବୋଲି ଡିଏଫ୍‌ଓ ଯାଦବ କହିଛନ୍ତି । ବାର୍ଡଫ୍ଲୁ ସମ୍ପର୍କରେ ରାଜନଗର ପ୍ରାଣୀ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ ଦଳାଇ କହିଛନ୍ତି, ଏ ପର୍ଯ୍ୟନ୍ତ କୌଣସି ସ୍ଥାନରୁ କୁକୁଡ଼ା କିମ୍ବା ପକ୍ଷୀଙ୍କୁ ବାର୍ଡଫ୍ଲୁ ହୋଇନାହିଁ। ତଥାପି ଆମେ ଭିତରକନିକା ସଂଲଗ୍ନ ଅଞ୍ଚଳରେ କୁକୁଡ଼ା ଓ ପକ୍ଷୀମାନଙ୍କଠାରୁ ନମୂନା ସଂଗ୍ରହ କରିବା ସହିତ ପରୀକ୍ଷା ପାଇଁ କଟକ ଜିଲା ଫୁଲନଖରା ଗବେଷଣା କେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କରିଛୁ ।

# ରାଜକନିକାରେ ନନ୍ଦୋତ୍ସବ ପାଳିତ

**ରାଜକନିକା,୨୮।୮(ସଞ୍ଜୟ କୁମାର ଦାଶ/ ରବୀନ୍ଦ୍ର କୁମାର ଦାସ)**

ରାଜକନିକା ବ୍ଲକର ବିଭିନ୍ନ ଗାଁରେ ଥିବା ରାଧାକୃଷ୍ଣଙ୍କ ମନ୍ଦିରରେ ମଙ୍ଗଳବାର କୃଷ୍ଣଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରରିପ୍ରେକ୍ଷୀରେ କଣ୍ଟପଡ଼ା ପଞ୍ଚାୟତ ବଡାଗର ଗୋପିନାଥଜୀୟୁଙ୍କ ମନ୍ଦିର ପ୍ରାଙ୍ଗଣରେ ଯବନ କବି ଉଜିରବେଗଙ୍କ ରଚିତ ନନ୍ଦୋତ୍ସବ ଗୀତିନାଟ୍ୟରେ ଦେବକୀଙ୍କ ଅଷ୍ଟମ ଗର୍ଭ ସଞ୍ଚାରରୁ ଦଶମାସ କୃଷ୍ଣଜନ୍ମ ପର୍ଯ୍ୟନ୍ତ ଗୀତିନାଟ୍ୟ ମାଧ୍ୟମରେ ନନ୍ଦୋତ୍ସବ ଅନୁଷ୍ଠିତ ହୋଇଥିଲା। କୃଷ୍ଣଜନ୍ମ ଉତ୍ସବ ଓ ନନ୍ଦୋତ୍ସବ ଦେଖିବାପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରୀଚରଣ ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ଦେବେନ୍ଦ୍ର ନାୟକ, ସୁକାନ୍ତ କୁମାର ପାତ୍ର, ପ୍ରଶାନ୍ତ ବିଶାଳ, ଗଗନ ବିହାରୀ ସେଠୀ, ସୌଭାଗ୍ୟ ରଞ୍ଜନ ନାୟକ, ନିର୍ମଳ ଚନ୍ଦ୍ର ଦାଶ, ମାନସ କୁମାର ନାୟକ, ଅଭିମନ୍ୟୁ ଜେନା, ସୁନିଲ ବିଶ୍ୱାଳ, ପ୍ରେମାନନ୍ଦ ଦାସ, ବିଷ୍ଣୁ ଚରଣ ଦାଶ, ବିଜିନା ନାୟକ, ସତ୍ୟନାରାୟଣ ନାୟକ, ପ୍ରଶାନ୍ତ ନାୟକ, ରଞ୍ଜନ ଜେନା, ରମାକାନ୍ତ ବେହେରାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରେମିକାଙ୍କୁ ପ୍ରତାରଣା କରିଥିବା ଯୁବକ ଗିରଫ

**ରାଜକନିକା,୨୮।୮(ରବୀନ୍ଦ୍ର କୁମାର ଦାସ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ପ୍ରଧାନପଡ଼ା ପଞ୍ଚାୟତ ବଡ଼ହଲୁପଡ଼ା ଗାଁର ମନୋଜ ଦାସ(୨୫)ଙ୍କୁ ପୋଲିସ ଗିରଫ କରିଛି । ପ୍ରେମିକ ସହ ସେ ଶାରୀରିକ ସମ୍ପର୍କ ରଖିଥିଲେ । ସମ୍ପୃକ୍ତା ଯୁବତୀ ଗର୍ଭବତୀ ହେବା ପରେ ମନୋଜ ତାଙ୍କୁ ବିବାହ କରିବାକୁ ମନା କରିଦେଇ ଥିଲେ । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଚଳାଇଥିଲା ।

ଅଭିଯୋଗ ଅନୁଯାୟୀ, ରାଜକନିକା କୋଇଲିପୁର ପଞ୍ଚାୟତ ଗଜରାଜପୁର ଗାଁର ଜଣେ ଯୁବତୀଙ୍କ ସହିତ ମନୋଜଙ୍କ ପରିବାର ଲୋକେ ବିବାହ ପ୍ରସ୍ତାବ ଆଣିଥିଲେ। ଝିଅ ଦେଖା ସରିବା ପରେ ବିବାହ ତାରିଖ ସ୍ଥିର ହୋଇଥିଲା । ହେଲେ କୌଣସି କାରଣରୁ ବାହାଘର ବିଳମ୍ବ ହୋଇଥିଲା । ଏହାର ସୁଯୋଗ ନେଇ ସେହି ଯୁବତୀଙ୍କ ସହିତ ମନୋଜ ଫୋନରେ କଥାବାର୍ତ୍ତା ଆରମ୍ଭ କରିଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବତୀଙ୍କ ସହ ମନୋଜ ଶାରୀରିକ ସମ୍ପର୍କ ରଖିଥିଲେ। ଏଥିରେ ସମ୍ପୃକ୍ତା ଯୁବତୀ ଗର୍ଭବତୀ ହୋଇଥିଲେ । ଏହାପରେ ଯୁବତୀଙ୍କ ପରିବାର ଲୋକମାନେ ଏ ସଂକ୍ରାନ୍ତରେ ମନୋଜଙ୍କ ସହ ଆଲୋଚନା କରିଥିଲେ । ହେଲେ ମନୋଜ ବିବାହ ପାଇଁ ମନା କରିଦେଇଥିଲେ। ଫଳରେ ଯୁବତୀ ଜଣଙ୍କ ତାଙ୍କ ପରିବାର ଲୋକଙ୍କ ସହିତ ଆସି ରାଜକନିକା ଥାନାର ଦ୍ୱାରସ୍ଥ ହୋଇଥିଲେ। ରାଜକନିକା ପୋଲିସ ମନୋଜଙ୍କୁ ମଙ୍ଗଳବାର ରାତିରେ ବଡ଼ହଲୁପଡା ଗାଁସ୍ଥିତ ତାଙ୍କ ଘରୁ ଗିରଫ କରିଥିଲା । ବୁଧବାର ତାଙ୍କର ଡାକ୍ତରୀ ମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୩୬୬/୨୦୨୪) ରୁଜୁ ହୋଇଛି ।

# ବଦଳିଲେ ବିବାଦୀୟ ଶାଖା ପରିଚାଳକ

**ରାଜକନିକା,୨୮।୮(ସଞ୍ଜୟ କୁମାର ଦାଶ)**

କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ସିଇଓ ଅନନ୍ତ କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନ ମଣ୍ଡଳୀ ରାଜକନିକା ବ୍ଲକରେ ଥିବା କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ, ରାଜକନିକା ଶାଖାର ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ରଙ୍କୁ ମଙ୍ଗଳବାର ଅନ୍ୟତ୍ର ବଦଳି କରାଯାଇଛି ।

ତାଙ୍କ ସ୍ଥାନରେ ନିରୋଦ ନାୟକଙ୍କୁ ଅବସ୍ଥାପିତ କରାଯାଇଛି । ତେବେ ଶାଖା ପରିଚାଳକ ସଞ୍ଜୟ କୁମାର ମହାପାତ୍ର ଓ ବରୁଣା ପାକ୍ସର ସମ୍ପାଦକ ଅସିତ୍ କୁମାର ବେହୁରିଆ ଟଙ୍କା ହେରଫେର ଘଟଣାରେ ଛନ୍ଦି ହୋଇଥିବା ନେଇ ଚଳିତ ମାସ ୩ତାରିଖରେ ସୋସାଇଟିର ଜଣେ ଚାଷୀ ପାତୁଳି ଗାଁର ଧରଣୀଧର ନାୟକ ଥାନାର ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ବ୍ୟାଙ୍କ ଖାତା ନଂ-୬୭୨୫୨୭୧୦୩ରୁ ୧ ଲକ୍ଷ ୫୮ ହଜାର ଟଙ୍କା ଶାଖା ପରିଚାଳକ ଓ ସମ୍ପାଦକ ମିଶି ଉଠାଇ ନେଇ ଆତ୍ମସାତ କରିଥିବା ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଗତ ୮ତାରିଖରେ ୩୪୨/୨୪-୩୧୬(୨) (୫), ୩୧୯(୨), ୩(୫) ଭାରତୀୟ ନ୍ୟାୟ ସଂହିତା ଅନୁସାରେ ମାମଲା ରୁଜୁ କରିଥିଲା । ତେବେ ବୁଧବାର ତାଙ୍କୁ ଚିଠି ନଂ.୧୬୧୭ ତା.୨୮।୦୮।୨୦୨୪ରେ ବଦଳି କରାଯାଇଛି ।

# ମାର୍ଶାଘାଇରେ ନନ୍ଦୋତ୍ସବ ପାଳିତ

**ମାର୍ଶାଘାଇ,୨୮।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ଗାଁରେ ଆନନ୍ଦ ଉଲ୍ଲାସ ମଧ୍ୟରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ଜନ୍ମାଷ୍ଟମୀ ପରେ ମଙ୍ଗଳବାର ସକାଳେ ପୂଜା ମଣ୍ଡପରେ ବାଳୁତ କୃଷ୍ଣଙ୍କ ମୃଣ୍ମୟମୂର୍ତ୍ତିକୁ ଏକ ସୁସଜ୍ଜିତ ଝୁଲଣରେ ରଖାଯାଇ ପୂଜା କରାଯାଇଥିଲା। ଝୁଲରେ ନିତାଇ ଝୁଲ ସଙ୍ଗୀତର ତାଳେ ତାଳେ ଲଉଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଲଡୁ ମିଷ୍ଟାନ ବଣ୍ଟନ କରିଥିଲେ। ଯୁବ ଯାଦବ ମହେଶ୍ୱର ଦାସ ନନ୍ଦରାଜା ବେଶ ହୋଇ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ମାର୍ଶାଘାଇ ଯାଦବ ସଂଘ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଉତ୍ସବରେ ସଂଘ ସଭାପତି ମଧୁସୂଦନ ବେହେରା, ଗାଁ ମାର୍ଶାଘାଇ ସଂଘ ସଭାପତି ବଳଭଦ୍ର ଦାସ, ବିଜୟ ଦାସ, ବିନୋଦ ଦାସ, ବିକାଶ ଦାସ, ମହେନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ୍ ପରିସରରୁ ଗଛ କଟାକୁ ବିରୋଧ

**ଏରସମା,୨୮।୮ ( ଦୀପ୍ତି ଖଣ୍ଡୁଆଳ )**


ବ୍ଲକ ପରିସରରୁ ଦେବଦାରୁ ଗଛକୁ କଟା ଯାଉଛି।

ପରିବେଶ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ଅର୍ଥ ବ୍ୟୟ କରାଯାଇ ଗଛ ଲଗାଯାଉଛି। ହେଲେ ଏରସମା ବ୍ଲକ ପରିସରରେ ଥିବା ୧୧ଟି ଦେବଦାରୁ ଗଛକୁ ବୁଧବାର କଟା ଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବ୍ଲକର ପୂର୍ବତନ ବିଡିଓ ମୁରଲୀଧର ସ୍ୱାଇଁଙ୍କ ଉଦ୍ୟମରେ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ବ୍ଲକ ପଛପଟେ ପୁଷ୍କରିଣୀ ଖନନ କରାଯିବା ସହ ବିଭିନ୍ନ ଗଛ ଲଗାଯାଇଥିଲା। ଏଥିସହ ବ୍ଲକ ସମ୍ମୁଖରେ ବଟଲ ପାମ, ପ୍ରାଚୀର ଭିତର ପାର୍ଶ୍ୱରେ ଦେବଦାରୁ ଓ ଇୟୋରେକାନ ପାମ ଲଗାଯାଇ ବ୍ଲକ ଅଟ୍ଟାଳିକାର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଥିଲା। ଏହା ମଧ୍ୟରେ ଗଛଗୁଡ଼ିକ ୪୦ରୁ ୫୦ ଫୁଟ ଉଚ୍ଚ ହୋଇଯାଇଥିଲା। ମାତ୍ର ପରିତାପର ବିଷୟ, ୧୧ଟି ଦେବଦାରୁ ଗଛ କାଟି ଦିଆଯାଇଥିବାରୁ ତ୍ରିନାଥ ଯୁବ ସଙ୍ଗଠନର ପୂର୍ବତନ ସଭାପତି ନେତ୍ରାନନ୍ଦ ବେହେରା ବିରୋଧ କରିବା ସହ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କୁ ପଚାରିବାରୁ ବର୍ଷାଦିନରେ ଗଛ କଅଁଳି ଗଲେ ଭଲ ଦେଖାଯିବା ପାଇଁ କଟାଯାଇଛି ବୋଲି ସେ କହିଛନ୍ତି।

# ନୂଆହାଟ ଛକ-ସ ମିଲ୍ କ୍ଲଷ୍ଟର ରାସ୍ତା ମରଣଯନ୍ତା

## ସେପ୍ଟେମ୍ବର ୨ରେ ଧାରଣା ପାଇଁ ଚାଷୀ ଓ ଗ୍ରାମବାସୀଙ୍କ ଚେତାବନୀ

**ଡେରାବିଶ,୨୮।୮(ବେବର୍ତ୍ତା ଅଜୟ ଦାସ)**


ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମି ରହିଛି।

କେନ୍ଦ୍ରପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ସ-ମିଲ କ୍ଲଷ୍ଟରକୁ ପଡ଼ିଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଏହା ସ୍ଥାନୀୟ ନୂଆହାଟ ଓ ବଳଭଦ୍ରପୁର ଗ୍ରାମର ଚାଷ ଜମି ଓ ଆରାଧ୍ୟ ଦେବୀ ସୁମୁଦେଇଙ୍କ ପୀଠକୁ ଏକମାତ୍ର ରାସ୍ତା । ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଉକ୍ତ ରାସ୍ତା ନିର୍ମାଣ କରିବାକୁ ଡେରାବିଶ ବ୍ଲକ୍ କାର୍ଯ୍ୟାଳୟଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଦୌଡ଼ି ନିରାଶ ହୋଇଛନ୍ତି । ଯଦି ଯୁଦ୍ଧକାଳୀନଭିତ୍ତିରେ ଏହି ରାସ୍ତା ନିର୍ମାଣ ନ କରାଯାଏ ତେବେ ଆସନ୍ତା ସେପ୍ଟେମ୍ବର ୨ ତାରିଖରେ ଉକ୍ତ ରାସ୍ତାରେ ଚାଷୀ ଓ ଗ୍ରାମବାସୀ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ଜିଲାପାଳ, ଡେରାବିଶ ତହସିଲଦାର ଓ ପାଟକୁରା ବିଧାୟକଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି ।

ଗ୍ରାମବାସୀ ଓ ଚାଷୀମାନଙ୍କ କହିବା ଅନୁଯାୟୀ, ସରକାରଙ୍କ ପକ୍ଷରୁ ଆଜିକୁ ୧୨ ବର୍ଷ ତଳେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ମୌଜାରେ ଏକ ସ-ମିଲ କ୍ଲଷ୍ଟର ସ୍ଥାପନ କରାଯାଇଥିଲା । ଆରମ୍ଭରେ ଏଠାରେ ସରକାରଙ୍କ ପକ୍ଷରୁ ମାତ୍ର ୮ଟି ସ-ମିଲ୍‌କୁ ସ୍ୱୀକୃତି ମିଳିଥିଲା । ଏହି ସ-ମିଲକୁ ଯାତାୟତ ପାଇଁ ୨୦୧୦-୧୧ ମସିହାରେ ଏନଆରଜିଏସ୍ ମାଧ୍ୟମରେ ରାସ୍ତା ନିର୍ମାଣ କରାଯାଇଥିଲା । ସେତେବେଳେ ଚାଷୀମାନେ ଏହି ରାସ୍ତା ଦେଇ ସେମାନଙ୍କ ଚାଷଜମିକୁ ଯିବା ଆସିବା ଓ ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ମା' ସୁମୁଦେଇଙ୍କ ପୀଠକୁ ଯିବା ପାଇଁ ବ୍ୟବହାର କରୁଥିଲୁ । ସେତେବେଳ ପ୍ରଶାସନ ପକ୍ଷରୁ ସ-ମିଲକୁ ଯିବା ଉଦ୍ଦେଶ୍ୟରେ ଏହି ରାସ୍ତାକୁ ପକ୍କା କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଇତିମଧ୍ୟରେ ପ୍ରଶାସନ ପକ୍ଷରୁ ଧିରେ ଧିରେ ସ-ମିଲ୍ ସଂଖ୍ୟା ବଢ଼ାଯାଇ ଏବେ ସେହି କ୍ଲଷ୍ଟରରେ ୨୨ଟି ସ-ମିଲ୍ ସ୍ଥାପନ କରାଯାଇଛି । ଏହି ସ-ମିଲ୍‌କୁ ଦୈନିକ ଶତାଧିକ ଭାରିଯାନ କାଠ ବୋଝେଇ କରି ରାତିଦିନ ଚାଲିବା ଫଳରେ ଉକ୍ତ ରାସ୍ତାଟି ମରଣଯନ୍ତା ପାଲଟିଛି । ରାସ୍ତା ସାରା ବଡ଼ ବଡ଼ ଖାଲରେ ଭର୍ତ୍ତି ହୋଇଛି। ସେଥିରେ ବର୍ଷା ପାଣି ଜମି ରହିଛି। ଏଥିଯୋଗୁ ସ୍ଥାନୀୟ ଚାଷୀମାନେ କ୍ଷେତକୁ ଟ୍ରାକ୍ଟର ଓ ପାୱାର ଟିଲର ନେଇ ଯାଇପାରୁ ନାହାଁନ୍ତି । ଅଧିକାଂଶ ସମୟରେ ଚାଷୀଙ୍କ ଟ୍ରାକ୍ଟର ଓ ପାୱାର ଟିଲର ଏହି ଖାଲରେ ପଡ଼ି ଦୁର୍ଘଟଣା ଗ୍ରସ୍ତ ହେଉଛି । ଏଥିପାଇଁ ଚାଷୀମାନେ ଆନ୍ଦୋଳନ ନିଷ୍ପତ୍ତି ନେଇଥିବା ଗ୍ରାମର ନଟବର ବେହେରା କହିଛନ୍ତି ।

## ସଂକ୍ଷେପରେ

### ଶାଗୁଆନ କାଠ ଜବତ

ରଣପୁର,୨୮।୮(ସୁକାନ୍ତ କିଶୋର ଡାକୁଆ)

ଖୋର୍ଦ୍ଧା ବନଖଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା ରଣପୁର ବନ ବିଭାଗ ଦ୍ୱାରା ବୁଧବାର ବେଆଇନ ଶାଗୁଆନ କାଠ ଜବତ ହୋଇଛି । ରଣପୁର ବନ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଫରେଷ୍ଟର ରଞ୍ଜିତ ବେହେରା ଘଟଣାସ୍ଥଳରେ ପହଞ୍ଚି ରଣପୁର ବ୍ଲକ ସୁର୍କାବାଡି ଗ୍ରାମର ଗାଁ ମୁଣ୍ଡ କୋଠଘର ପାଖରେ ଶାଗୁଆନ କାଠ ଗଦା ହୋଇଥିବା ଦେଖିବାକୁ ପାଇଥିଲେ ।ଜବତ କାଠର ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ କହିଛି ।

### ଚୋରି ଅଭିଯୋଗରେ ଜେଲ ଗଲେ ଅଭିଯୁକ୍ତ

ନୟାଗଡ,୨୮।୮(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ନୟାଗଡ ପୁରୁଣାସହର ବଡ ହରିଜନସାହିର ସମୀର ନାୟକ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସମୀରଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି। ନୟାଗଡ ପୂର୍ତ୍ତ ବିଭାଗ ଲେନର ଖବରଦାତା ମହେଶ ମିଶ୍ରଙ୍କ ଭଡା ଘରୁ ଚୋରି ହୋଇଥିଲା। ଗତ ୨୩ ଓ ୨୬ ତାରିଖରେ ଦୁଇ ଦିନ ଘରୁ ଗ୍ୟାସ ଚୁଲା, ୨ଟି ମୋମୋ ଡିସ୍, ୨ ପରାତ, ବଡ ଡିସ୍ ୩ଟି, ଡେକଚି ପରି ରୋଷେଇ ସାମଗ୍ରୀ ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ୩୧୨/୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ତେବେ ସିସିଟିଭି ଫୁଟେଜରେ ଚୋର ଚୋରି କଏଦ୍ ହୋଇ ଥିବାରୁ ପୋଲିସ ଚୋରକୁ ଧରିବାରେ ସକ୍ଷମ ହୋଇଛି। ଚୋର ଠାରୁ ଚୋରି ଉପକରଣ ଜବତ ହୋଇଛି ।

### କୋଇଲା ବୋଝେଇ ଟ୍ରକ୍ ଓଲଟି ଡ୍ରାଇଭର ମୃତ

ନୟାଗଡ଼/ଦଶପଲ୍ଲା,୨୮।୮
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ମଙ୍ଗଳବାର ସନ୍ଧ୍ୟାରେ ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା ଡାକୁଡ଼ା ନିକଟସ୍ଥ ବୁଲାଣି ରାସ୍ତାରେ ପୋଲରେ ପିଟି ହୋଇ ଏକ କୋଇଲା ଗୁଣ୍ଡ ବୋଝେଇ ଟ୍ରକ (ନଂ. ଏପି ୩୯ଭିଏଫ ୩୩୭୭) ତଳକୁ ଖସି ପଡିଛି। ଏହି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର କୃଷ୍ଣ ନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଙ୍କ ଘର ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ସିଂପୁର । ଟ୍ରକରେ ଥିବା ଅନ୍ୟ ୨ ଜଣ ଆହତ ହୋଇଛନ୍ତି । ମୃତ ଡ୍ରାଇଭର ଟ୍ରକରେ ଚାପି ହୋଇ ରହି ଯାଇଥିଲେ । ଦଶପଲ୍ଲା ଦମକଳ ବାହିନୀ ଓ ବାଣୀଗୋଛା ପୋଲିସ ୫ଘଣ୍ଟା ଉଦ୍ୟମ ପରେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ବାଣୀଗୋଛା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ ମରାମତି ହେଲାନି

ଖଣ୍ଡପଡ଼ା,୨୮।୮(ଅଜୟ କୁମାର ମହାରଣା)

କାଳବୈଶାଖୀ ପ୍ରଭାବରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ଗ୍ରାମସ୍ଥିତ ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ ଶ୍ରେଣୀଗୃହର ଟିଣ ଛପର କ୍ଷତିଗ୍ରସ୍ତ ହୋଇଥିଲା। ଶ୍ରେଣୀଗୃହ ମରାମତି କାର୍ଯ୍ୟ ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଶ୍ରେଣୀଗୃହରେ ପାଣି ଗଳୁଛି। ଫଳରେ ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରେ ପାଠ ପଢ଼ି ପାରୁନାହାନ୍ତି। ଶ୍ରେଣୀ ଗୃହର ଆବଶ୍ୟକ ମରାମତି ପାଇଁ ପଞ୍ଚାୟତ କିମ୍ବା ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଯୋଦ୍ଧାନାଥ ନାୟକ ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରୀ ଓ ବିଡିଓଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଜିଲା ଶିକ୍ଷାଧିକାରୀ ଓ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ରଣପୁର,୨୮।୮(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକରେ ଥିବା ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାମ କରିଥିବା ରଣପୁର ବଡ଼ଦାଣ୍ଡସାହିର ରମାରାଣୀ ପୁଷ୍ଟି(୭୮)ଙ୍କ ବୁଧବାର ପରଲୋକ ହୋଇଯାଇଛି । ସେ ବହୁଦିନ ହେବ ଶ୍ୱାସରୋଗରେ ପୀଡ଼ିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ରମାରାଣୀ ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଥିଲେ । ତାଙ୍କ ପରଲୋକ ଖବର ଜଣାପଡିବା ପରେ ବହୁ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ,ଶିକ୍ଷକମାନେ ତାଙ୍କ ଶେଷ ଦର୍ଶନ କରିଥିଲେ।

# ଅସୁରକ୍ଷିତ ବନ୍ୟଜନ୍ତୁ, ବିଟ୍ ହାଉସରେ ତାଲା

## ଖୋଲାବଜାରରେ ବିକ୍ରି ହେଉଛି ଜଙ୍ଗଲୀ ମାଂସ

ଗଣିଆ,୨୮।୮(ସନ୍ତୋଷ କୁମାର ପ୍ରଧାନ)

ଦିନକୁ ଦିନ ଜଙ୍ଗଲ ସମ୍ପଦ ହ୍ରାସ ପାଇବା ସହ ଜୈବ ବିବିଧତା ଧ୍ୱଂସ ଯୋଗୁ ବିଶ୍ୱରେ ଜଳବାୟୁର ଘୋର ପରିବର୍ତ୍ତନ ଘଟିବାରେ ଲାଗିଛି। ଏପରିସ୍ଥଳେ ଜଙ୍ଗଲ ସମ୍ପଦ ଓ ଜୈବ ବିବିଧତାର ସୁରକ୍ଷା ସହ ସବୁଜ ବଳୟ ସୃଷ୍ଟି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପ୍ରତିବର୍ଷ ରାଜକୋଷରୁ ଅନେକ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏଥିସହ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ବନକର୍ମଚାରୀ ଓ ଅସ୍ଥାୟୀ ବନ କର୍ମଚାରୀଙ୍କ ନିଯୁକ୍ତି ବୃଦ୍ଧି କରାଯାଉଛି। ହେଲେ କେତେଜଣ ବନକର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ଜୀବନ ସଙ୍କଟରେ ପଡିଛି ବୋଲି ଅଭିଯୋଗ ହୋଇଛି।

ବନ୍ୟଜନ୍ତୁମାନେ ଶିକାରୀ ଓ ଶିକାରୀ କୁକୁରଙ୍କ ଦ୍ୱାରା କେଉଁଠି ମୃତ୍ୟୁ ହେଲେଣି ତ ଆଉ କେଉଁଠି ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରୁଥିବା ଦେଖିବାକୁ ମିଳୁଛି। ଏଭଳି ବ୍ୟତିକ୍ରମ ନୟାଗଡ଼ ବନଖଣ୍ଡ ଅଧୀନ ଗଣିଆ ବନାଞ୍ଚଳରେ ଘଟୁଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ତଳେ ଖୋଦ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରୁ କିଛିଦିନ ବ୍ୟବଧାନରେ ୩ ଆହତ ହରିଣକୁ ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବିଭିନ୍ନ ସମୟରେ ଶିକାରୀମାନଙ୍କ ଦ୍ୱାରା ବନ୍ୟଜନ୍ତୁ ଶୀକାର କରାଯାଇ ସ୍ଥାନୀୟ ବଜାରରେ ଜଙ୍ଗଲି ମାଂସ ବିକ୍ରି କରାଯାଉଛି। ସେହି ମାଂସକୁ ବାହାରକୁ ଚାଲାଣ କରାଯାଉଛି। ଅନ୍ୟପକ୍ଷେ ଗଣିଆ ବନାଞ୍ଚଳ ଅଧୀନ ବଇଶିପଲ୍ଲୀ ଅଭୟାରଣ୍ୟରେ ଗତ ୧୦ବର୍ଷ ହେଲା ହାତୀମାନଙ୍କ ଚଳପ୍ରଚଳ ରହିଛି। ଏହି ଅଭୟାରଣ୍ୟକୁ ବୌଦ୍ଧ ଜିଲାର କୁଶଙ୍ଗ, ନୟାଗଡ଼ ଜିଲାର ଦଶପଲ୍ଲା, ଗଣିଆ ଓ କଟକ ଜିଲାର ନରସିଂହପୁର ଅଞ୍ଚଳକୁ ରାସ୍ତା ଥିବାରୁ ଶିକାରୀମାନେ ଅତି ସହଜରେ ଶୀକାର କରି ଚୋରାଚାଲାଣ କରିବାରେ ସକ୍ଷମ ହେଇପାରୁଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ଅସ୍ଥାୟୀ ବନକର୍ମଚାରୀ ନିଯୁକ୍ତି ହୋଇଥିଲେ ହେଁ କର୍ମଚାରୀମାନେ ଅଭୟାରଣ୍ୟରେ ପାଟ୍ରୋଲିଂ ନ କରି ବନାଞ୍ଚଳ କାର୍ଯ୍ୟାଳୟରେ ସମୟ ବିତାଉଛନ୍ତି। ସେହିପରି ବାଇଶିପଲ୍ଲୀ ଅଭୟାରଣ୍ୟ ଓ ନୟାଗଡ଼ ଜିଲା ସାତକୋଶିଆ ଅଭୟାରଣ୍ୟ ସୀମାନ୍ତ ନଛିପୁର ସେକ୍ସନ ଘୁଗୁଡିପଡା ବିଟ୍ ହାଉସରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଅଭୟାରଣ୍ୟ ଅଞ୍ଚଳରେ ମୁକୁଳା ରାସ୍ତା ସହ ବନକର୍ମଚାରୀମାନଙ୍କ ଦାୟିତ୍ୱହୀନତା ଯୋଗୁ କେନ୍ଦୁପତ୍ର ବ୍ୟବସାୟୀମାନେ ପ୍ରତିବର୍ଷ ବେଧଡ଼କ ଭାବେ କେନ୍ଦୁପତ୍ର ଚୋରାଚାଲାଣ କରିଆସୁଛନ୍ତି। ବନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ପାଟ୍ରୋଲିଂ ଭ୍ୟାନ ଓ ପାରାଷ୍ଟାଫ୍ ନିଯୁକ୍ତି ସହ ଇନ୍ଧନ ବାବଦରେ ବହୁ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ବିଭାଗୀୟ କର୍ମଚାରୀମାନେ ଜଙ୍ଗଲ ପାଟ୍ରୋଲିଂ ପରିବର୍ତ୍ତେ ଗାଡ଼ିଗୁଡିକୁ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଅପରପକ୍ଷେ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ସମ୍ପଦର ଉନ୍ନୟନ କାର୍ଯ୍ୟ ପାଇଁ ପ୍ରତିବର୍ଷ ନର୍ସରୀ, ଚାରା ରୋପଣ, ପଥପାର୍ଶ୍ୱ ବନୀକରଣ, ପଥରବନ୍ଧ ଭଳି ନିର୍ମାଣ କାର୍ଯ୍ୟ ପାଇଁ ଆସୁଥିବା ଲକ୍ଷାଧିକ ଟଙ୍କା ବ୍ୟାପକ ଭାବେ ତୋଷାରପାତ କରାଯିବା ସହ ବନ ଓ ବନ୍ୟଜନ୍ତୁ ସୁରକ୍ଷା ଛାଡି ବନକର୍ମଚାରୀମାନେ ଠିକାଦାର କାମରେ ଲାଗିପଡିଛନ୍ତି। ତେବେ ଏ ନେଇ କୌଣସି ବନକର୍ମଚାରୀ ମୁହଁ ଖୋଲୁ ନ ଥିବା ବେଳେ ବନାଞ୍ଚଳ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କଲେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡାଇ ଯାଉଛନ୍ତି।

## ଅଙ୍ଗନୱାଡ଼ି କେନ୍ଦ୍ରରେ ମିଳିଲା କୁକୁଡ଼ା ଚିଆଁ



ଓଡ଼ଗାଁ,୨୮।୮(ଆଦର୍ଶ କୁମାର ପଟ୍ଟନାୟକ)

କେନ୍ଦ୍ର ଓ ରାଜ୍ୟ ସରକାର ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଅଣ୍ଡା,ଛତୁଆ ଓ ଅନେକ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଏବେ ପୁଣି ସେମାନଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି।ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ପଞ୍ଚାୟତ ଟାଙ୍ଗୀସାହିସ୍ଥିତ ୩ ନଂ.ଅଙ୍ଗନବାଡ଼ି କେନ୍ଦ୍ରରେ ବୁଧବାର ଏହି କୁକୁଡ଼ା ଚିଆଁ ବଣ୍ଟନ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ ଉଦ୍ଘାଟନ କରିଥିଲେ । ପ୍ରଥମ ଥର ୯୧ ଜଣ ହିତାଧିକାରୀଙ୍କୁ ୫ଟି ଲେଖାଏଁ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି। କୁରାଳ ପ୍ରାଣୀଧନ ନିରୀକ୍ଷକ ପ୍ରଭାତ କୁମାର ଇନ୍ଦ୍ରଜିତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଙ୍ଗନବାଡିକର୍ମୀ ଓ ସହାୟକଙ୍କ ଉପସ୍ଥିତିରେ ଏହି ଚିଆଁ ବଣ୍ଟନ କରାଯାଇଥିଲା। ସେହିପରି ଭାବେ ଗିରିଡିପଲିରେ ୪୨, ପାଣ୍ଡେରିପଡ଼ାରେ ୪୩ ଓ ସୁନାମୁହିଁ ପଞ୍ଚାୟତରେ ୯୩ ଜଣ ହିତାଧିକାରୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି। ଅନ୍ୟପକ୍ଷେ ପଡୋଶୀ ପୁରୀ ଜିଲା ପିପିଲି ଅଞ୍ଚଳରେ ବାର୍ଡ଼ଫ୍ଲୁ ଦେଖାଦେଇଥିବା ବେଳେ କୁକୁଡ଼ା ଚିଆଁ ବାଣ୍ଟିବାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ସ୍କୁଲ ପରିଦର୍ଶନ କଲେ ଜିଲାପାଳ

## ପ୍ରଶ୍ନ ପଚାରିଲେ, ଜାତୀୟ ସଙ୍ଗୀତ ଶୁଣିଲେ

ନୟାଗଡ଼,୨୮।୮(ଲୋକନାଥ ମିଶ୍ର)



ନୟାଗଡ଼ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଅଚାନକ ଓଡ଼ଗାଁ ବ୍ଲକ ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରିଥିଲେ। ତୃତୀୟ ଶ୍ରେଣୀକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ଯୋଗ, ବିୟୋଗ ଓ ଗୁଣନ ସମ୍ବନ୍ଧୀୟ ପ୍ରଶ୍ନମାନ ପଚାରିଥିଲେ। ସେମାନଙ୍କ ଠାରୁ ଠିକ୍ ଉତ୍ତର ପାଇ ଖୁସି ବ୍ୟକ୍ତ କରିଥିଲେ। ପରେ ଦ୍ୱିତୀୟ ଶ୍ରେଣୀକୁ ଯାଇ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ସହ ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ। ଦ୍ୱିତୀୟ ଶ୍ରେଣୀର ଛାତ୍ରୀଙ୍କ ଠାରୁ ଜାତୀୟ ସଙ୍ଗୀତ ଗୀତ ଶୁଣିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟପକ୍ଷେ ଦଶମ ଶ୍ରେଣୀକୁ ଯାଇ ଇ-ଲାଇବ୍ରେରୀ, କମ୍ପ୍ୟୁଟର ଶିକ୍ଷା ଉପରେ ବିଭିନ୍ନ ପ୍ରଶ୍ନ ପିଲାମାନଙ୍କୁ ଜିଲାପାଳ ପଚାରିଥିଲେ। ସେହିପରି ପିଲାମାନଙ୍କୁ ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଗଣିତ ଓ ଇଂଲିଶ, ବ୍ୟାକରଣ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିବା ସହ ସ୍ମାର୍ଟ ବୋର୍ଡ଼ରେ ବୁଝାଇଥିଲେ। ଅପରପକ୍ଷେ ନୟାଗଡ଼ ବ୍ଲକ ଅନ୍ତର୍ଗତ ମାଛିପଡ଼ା ଚନ୍ଦ୍ରଶେଖର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନେ ଗୋଟିଏ କୋଠରୀରେ ବସିଥିବା ଦେଖି ମିଶାଣ ଓ ଫେଡ଼ାଣ ପଚାରିଥିଲେ। ପଂଚମ ଶ୍ରେଣୀରେ ପ୍ରବେଶ କରି ସେଠାରେ ପ୍ରାଥମିକ ଚିକିତ୍ସା ଉପରେ ପାଠ ପଢ଼ାଯାଉଥିବାର ଦେଖି ଏହା ଉପରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପିଲାମାନଙ୍କର ସାଧାରଣ ଜ୍ଞାନ ପରୀକ୍ଷା କରିବାକୁ ଯାଇ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ,ଦେଶର ପ୍ରଧାନମନ୍ତ୍ରୀ, ଜାତିର ଜନକ, ଦେଶର ରାଷ୍ଟ୍ରପତିଙ୍କ ନାମ ପିଲାମାନଙ୍କୁ ପଚାରିଥିଲେ। ସେହିଭଳି ମଧ୍ୟାହ୍ନଭୋଜନ ତଦାରଖ କରିଥିଲେ। ପରିଦର୍ଶନରେ ଜିଲାପାଳଙ୍କ ସହ ଜଲା ଶିକ୍ଷା ଅଧିକାର ରାଜଶ୍ରୀ ପଟ୍ଟନାୟକ, ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ନିମେଇଁଚରଣ ପ୍ରଧାନ, ଡେପୁଟୀ କଲେକ୍ଟର ତପତୀ ରାଜ୍ ଉପସ୍ଥିତ ଥିଲେ।

## ଭାରତୀୟ ବିକାଶ ପରିଷଦର ସାଧାରଣ ବୈଠକ

ଖଣ୍ଡପଡ଼ା,୨୮।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗୋକୁଳାନନ୍ଦ ପୀଠରେ ଭାରତୀୟ ବିକାଶ ପରିଷଦର ସାଧାରଣ ବୈଠକ ପରିଷଦର ବରିଷ୍ଠ ସଦସ୍ୟ ଅନ୍ତର୍ଯ୍ୟାମୀ ପଡ଼ିହାରୀଙ୍କ ଅକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରତ୍ୟେକ ପଞ୍ଚାୟତରେ ଅଧିକରୁ ଅଧିକ ନାଗରିକ, ଯୁବଗୋଷ୍ଠୀଙ୍କୁ ସାମିଲ କରିବା, ଅନ୍ୟାୟ, ଅନୀତି ଓ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା, ସାଧାରଣ ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବା, ଗ୍ରାମ୍ୟ ସମସ୍ୟା ସମ୍ପର୍କରେ ବ୍ଲକ୍ ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ଦଳର ପ୍ରାର୍ଥୀମାନେ ସକ୍ରୀୟ ଅଂଶ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦଳର ସଭ୍ୟ ଜିତେନ୍ଦ୍ର କୁମାର ପରିଡ଼ା, ଗଣେଶ ନାୟକ, କନକଲତା ପ୍ରଧାନ, ଆଶାଲତା ପ୍ରଧାନ, ସତ୍ୟଭାମା ପ୍ରଧାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଭାରତୀୟ ବିକାଶ ପରିଷଦର ଖଣ୍ଡପଡ଼ା ନଗର ସଭାନେତ୍ରୀ ସୁପ୍ରିୟା ଦାଶଙ୍କ ସମେତ ଅନ୍ୟ ସଦସ୍ୟମାନେ ବୈଠକରେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ। ସର୍ବସମ୍ମତି ପ୍ରସ୍ତାବକ୍ରମେ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରାଯାଇଥିଲା।

## ଗୁରୁ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ଭାପୁର,୨୮।୮(ଭରତ ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକରେ ଆସନ୍ତା ସେପ୍ଟେମ୍ବର ୫ରେ ଗୁରୁଦିବସ ପାଳନ ପାଇଁ ମୋ ମାଟି ଭାପୁର ତରଫରୁ ପ୍ରସ୍ତୁତି ବୈଠକ ଭାପୁର ବାଇପାସ ନିକଟସ୍ଥ ହନୁମାନ ମନ୍ଦିର କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାମାଜିକ କର୍ମୀ ମଧୁସୂଦନ ରଥଙ୍କ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ପାଳିତ ହେବାକୁ ଥିବା ଗୁରୁଦିବସ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଆଲୋଚନା ହୋଇଥିଲା। ଭାପୁର ବ୍ଲକ୍‌ର ସମସ୍ତ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ନେଇ ଗୁରୁପୂଜନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ମୋ ମାଟି ଭାପୁର ସଭାପତି ବେଣୁଧର ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ବୈଠକରେ ବିଭିନ୍ନ କମିଟି ମାଧ୍ୟମରେ ଗୁରୁଦିବସ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ସ୍ଥିର କରାଯାଇଛି। ଗୁରୁଦିବସ କାର୍ଯ୍ୟକ୍ରମ ଭାପୁର ବଜାରସ୍ଥିତ ନୋଡାଲ ଉପ୍ରା ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଛି।ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଯୋଗ ଦେବାପାଇଁ ନିମନ୍ତ୍ରଣ କରିବା ପାଇଁ ସ୍ଥିର ହୋଇଛି। ଉକ୍ତ ବୈଠକରେ ମୋ ମାଟି ଭାପୁର କମିଟିର ସମ୍ପାଦକ ଭରତ କୁମାର ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟ ବସନ୍ତ କୁମାର ମାଝୀ, ଶିକ୍ଷାବିତ୍ ଲକ୍ଷ୍ମୀଧର ମହାପାତ୍ର,ସନ୍ତୋଷ କୁମାର ତ୍ରିପାଠୀ, ସରପଞ୍ଚ ରମେଶ ପ୍ରସାଦ ରାଉତ, ଯୁଧିଷ୍ଠିର ଖୁଣ୍ଟିଆ, ସମିତିସଭ୍ୟ ବାଳ ଗୋପାଳ ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ବରାଡ଼, ଦୁର୍ଯ୍ୟୋଧନ ସାହୁ, ବୈକୁଣ୍ଠ ନାଥ ଦାସ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ , ଖବରଦାତା ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ସଂଗ୍ରାମ କେଶରୀ ପଟ୍ଟନାୟକ, ପ୍ରଭାତ କୁମାର ବରାଡ଼, ପ୍ରଭାତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ସୁଭଦ୍ରା ଯୋଜନା ପାଇଁ କାର୍ଯ୍ୟଖସଡ଼ା

## ଆବେଦନ ପାଇଁ ପଡିବନି ଦେୟ

ନୟାଗଡ,୨୮।୮(ଲୋକନାଥ ମିଶ୍ର)

ନୟାଗଡ ଜିଲାରେ ସଭୁଦ୍ରା ଯୋଜନା କାର୍ଯ୍ୟକାରୀ ହେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟଖସଡା ଆରମ୍ଭ ହୋଇଛି। ଏ ଅବସରରେ ନୟାଗଡ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଜିଲ୍ଲା ଓଶ୍ୱାନ୍ ସଭା କକ୍ଷରୁ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ବ୍ଲକ ଓଶ୍ୱାନ୍ ସଭା କକ୍ଷକୁ ସଂଯୋଗ କରି ସମସ୍ତ ବିଭାଗର ଭୂମିକା ଓ ଦାୟିତ୍ୱ ସମ୍ବନ୍ଧରେ ବୁଝାଇଥିଲେ। ଏହି ଯୋଜନାରେ ମହିଳାମାନଙ୍କୁ ଆଗାମୀ ୫ବର୍ଷରେ ୫୦ ହଜାର ଟଙ୍କା ଦିଆଯାଇ ଆତ୍ମ ନିର୍ଭରଶୀଳ କରିବାର କାର୍ଯ୍ୟକ୍ରମ ରହିଛି। ରାଖୀ ପୂର୍ଣ୍ଣିମା ଓ ବିଶ୍ୱ ମହିଳା ଦିବସରେ ଦୁଇଟି କିସ୍ତିରେ ୫ ହଜାର ଲେଖାଏଁ ମୋଟ ୧୦ ହଜାର ପ୍ରଦାନ କରାଯିବ। ୨୧ ରୁ ୬୦ବର୍ଷ ବୟସର ମହିଳାମାନେ ଏଥିପାଇଁ ଆବେଦନ କରିପାରିବେ। ଆବେଦନ ପତ୍ରଗୁଡ଼ିକ ଅଙ୍ଗନବାଡ଼ି କେନ୍ଦ୍ର , ବ୍ଲକ କାର୍ଯ୍ୟାଳୟ , ସହଜ ସେବା କେନ୍ଦ୍ର , ମୋ ସେବା କେନ୍ଦ୍ରରେ ମିଳିପାରିବ। ଦରଖାସ୍ତକାରୀମାନେ ସହଜ ସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ରରେ ଆବଶ୍ୟକୀୟ କାଗଜାତ ସହ ଦରଖାସ୍ତ ପୂରଣ କରି ଆବେଦନ କରିବେ। ଏଥିପାଇଁ ସେପ୍ଟେମ୍ବର ୧ ତାରିଖରୁ ମହିଳାମାନଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରାଯିବ। ସହଜ ସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ର ଦରଖାସ୍ତର ସମସ୍ତ କାଗଜାତକୁ ସ୍କାନ୍ କରି ସୁଭଦ୍ରା ଡାଟା ବେସରେ ଅପଲୋଡ୍ କରିବେ। ଦରଖାସ୍ତକାରୀମାନଙ୍କୁ ଦରଖାସ୍ତ କରିବା ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସହଜ ସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରମାନେ ହାର୍ଡକପିକୁ ତାଲିକା କରି ସଂପୃକ୍ତ ନୋଡାଲ ଅଧିକାରୀମାନଙ୍କୁ ପ୍ରତିଦିନ ପ୍ରଦାନ କରିବେ। ନୋଡାଲ ଅଧିକାରୀମାନେ ଦରଖାସ୍ତର ହାର୍ଡକପିଗୁଡ଼ିକୁ ସିଡିପିଓଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ସରକାର ସୁଭଦ୍ରା ଯୋଜନା ପାଇଁ ଏକ ଟୋଲ ଫ୍ରି ନମ୍ବର ୧୫୫୩୩୫ ଜାରି କରିଛନ୍ତି। ଯେଉଁଥିରେ ଆବେଦନକାରୀ ସେମାନଙ୍କର ସମସ୍ୟା ଓ ଯୋଜନା ବିଷୟରେ ବିଡିଓ ଏବଂ ପୌରାଞ୍ଚଳର ନିର୍ବାହୀ ଅଧିକାରୀଙ୍କଠାରୁ ବୁଝିପାରିବେ। ଜିଲା ଓଶ୍ୱାନ୍ ସଭା କକ୍ଷରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ତାଲିମ

ଗଣିଆ,୨୮।୮(ସନ୍ତୋଷ କୁମାର ପ୍ରଧାନ)

ଗଣିଆସ୍ଥିତ ଶ୍ରୀ ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କଟକ ମୁଣ୍ଡଳିସ୍ଥିତ ଏନ୍‌ଡିଆରଏଫ୍ ୩ୟ ବାଟାଲିୟନ ଟିମ୍ କମାଣ୍ଡର ବିକାଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଆରଏଫ୍ କର୍ମୀ ସୋହନ ପ୍ରିୟତମ, ସୁଶାନ୍ତ ସ୍ୱାଇଁ , ଶିଶିର ସାହୁ ଓ ରୋହତଶ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବିଶେଷକରି ଭୂମିକମ୍ପ, ବନ୍ୟା, ବାତ୍ୟା, ବିଜୁଳି, ଘଡଘଡି ପରି ପ୍ରାକୃତିକ ବିପର୍ଯ୍ୟୟ ଏବଂ ସାପକାମୁଡା ଓ ରନ୍ଧନ ଗ୍ୟାସ ଲିକ୍ ଜନିତ ଅଗ୍ନିକାଣ୍ଡ ବେଳେ କିପରି ମୁକାବିଲା କରାଯିବ ତା'ର ପ୍ରାଥମିକ ପଦକ୍ଷେପ ଦିଗରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ କୌଣସି ବ୍ୟକ୍ତି ସଡ଼କ ଦୁର୍ଘଟଣା ଓ ହୃଦ୍‌ଘାତ ଜନିତ ଅସୁବିଧା ସମୟରେ କିଭଳି ରକ୍ଷା ପାଇପାରିବ ସେ ବିଷୟରେ ମଧ୍ୟ ସଚେତନତା କରାଯାଇଥିଲା।

# ରାସ୍ତାରେ କେନାଲ ପାଣି

ନୟାଗଡ଼,୨୮।୮(ଲୋକନାଥ ମିଶ୍ର)

ନୟାଗଡ଼ ସହର ୧ ନଂ. ୱାର୍ଡ ରତନପୁର ଠାରୁ ନୟାଗଡ଼ ଟାଉନ ରେଳ ଷ୍ଟେଶନକୁ ସଂଯୋଗ କରୁଥିବା ରାସ୍ତା ଉପରେ କେନାଲ ପାଣି ଚାଲିଛି । ବର୍ଷା ହେଲେ ଏହି ସମସ୍ୟା ଗୁରୁତର ରୂପ ନେଉଛି । କେନାଲରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ଯୋଗୁ ରାସ୍ତା ଉପରେ ଚାଲୁଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏଥିଯୋଗୁ ସେହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହେଉଛି ବୋଲି ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।



ରାସ୍ତା ଉପରେ ଚାଲିଥିବା କେନାଲ ପାଣି ।

# ୮୮୦ ଷ୍ଟ୍ରିଟ୍ ଲାଇଟ୍‌ରୁ ଜଳୁନି ୩୩୦

## ମରାମତି କରିବାର ନାଁ ଧରୁନି ଠିକା ସଂସ୍ଥା

ନୂଆଗାଁ,୨୮।୮ (ଧନେଶ୍ୱର ସାହୁ): ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ପଞ୍ଚାୟତ ଅନୁଦାନରେ ରାଜ୍ୟ ସରକାରଙ୍କ ଦ୍ୱାରା ଲଗା ଯାଇଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡିକ ଦୀର୍ଘ ଦିନ ଧରି ଜଳୁ ନ ଥିଲେ ମଧ୍ୟ ଠିକାସଂସ୍ଥା ତାହାକୁ ମରାମତି କରିବାର ନାଁ ଧରୁ ନ ଥିବା ଅଭିଯୋଗ ହେଉଛି।

ପ୍ରତି ପଞ୍ଚାୟତରେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତେଣୁ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରତି ପଞ୍ଚାୟତରେ ୪୦ଟି ଲାଇଟ୍ ଲଗାଇବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରତ ପଞ୍ଚାୟତକୁ ୪୦ ଲାଇଟ୍ ହିସାବରେ ନୂଆଗାଁ ବ୍ଲକର ୨୨ ପଞ୍ଚାୟତ ପାଇଁ ୮୮୦ ଲାଇଟ୍ କିଣାଯିବ। ତେବେ ଉକ୍ତ ଲାଇଟ୍ ପଞ୍ଚାୟତ ଅଧିକାରୀମାନେ ନ କିଣି ସେହି ବାବଦକୁ ୨ଲକ୍ଷ ୬୦ ହଜାର ୫ ଶହ ଟଙ୍କା ଜିଲା ପରିଷଦ ଆକାଉଣ୍ଟରେ ଡିପୋଜିଟ କଲେ ଗୋଟିଏ ସଂସ୍ଥା ସେମାନଙ୍କ ପଞ୍ଚାୟତରେ ୪୦ ଗୋଟି ଲାଇଟ ଲଗାଇଦେବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ବ୍ଲକ ପ୍ରଶାସନକୁ କୁହାଯାଇଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଆଚରଣ ବିଧି ଆଇନ ଲାଗୁ ହେବା ପୂର୍ବରୁ ଲାଇଟ୍ ଲଗାଇବା ବାଧ୍ୟତାମୂଳକ ବୋଲି କୁହାଯାଇଥିଲା। ତେଣୁ ପଞ୍ଚାୟତ ଅଧିକାରୀମାନେ ଯଥାଶୀଘ୍ର ଟଙ୍କା ଡିପୋଜିଟ କରିବା ପାଇଁ ବାଧ୍ୟ କରାଗଲା। ଏପରିକି ଟଙ୍କା ଡିପୋଜିଟ ନ କଲେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କୁହାଯାଇଥିଲା। କିଛି ପଂଚାୟତ ଅଧିକାରୀ ଟଙ୍କା ଡିପୋଜିଟ କରିବାରେ ବିଳମ୍ବ କରିବାରୁ ସେହି ଟଙ୍କା ବ୍ଲକ ଆକାଉଣ୍ଟରୁ ଦିଆଯାଇଥିବା ଜଣା ପଡିଛି। ତେବେ ମାର୍ଚ୍ଚ ୨୦୨୩ରେ ଲାଇଟ୍ ଲଗାଯାଇଥିଲା। ଲାଇଟ୍ ଲଗାଇବାର ଦୁଇ ମାସ ନ ପୂରୁଣୁ ସେଗୁଡ଼ିକ ଅଚଳ ହେବାକୁ ଲାଗିଥିଲା। ବର୍ତ୍ତମାନ ସୁଦ୍ଧା ୮୮୦ ଲାଇଟ ମଧ୍ୟରୁ ୩୩୦ ଗୋଟି ଲାଇଟ ଖରାପ ହୋଇ ପଡିଥିବା ସୂଚନା ମିଳିଛି। ଲାଇଟ ଲଗାଇବା ପରେ ୫ ବର୍ଷ ପର୍ଯ୍ୟନ୍ତ ଠିକସଂସ୍ଥା ତା'ର ରକ୍ଷଣାବେକ୍ଷଣ କରିବ ବୋଲି କୁହାଯାଇଥିଲା। କିନ୍ତୁ ପ୍ରତି ପଞ୍ଚାୟତରେ ଅନେକ ଲାଇଟ୍ ଖରାପ ହୋଇ ପଡିଥବା ଅଭିଯୋଗ ହେଉଛି। ଲାଇଟ୍ ମରାମତି କରିବା ବାବଦରେ ଠିକାସଂସ୍ଥାର ଅଧିକାରୀ ସୁନାକର ପୁହାନଙ୍କୁ ପଚାରିବାରେ ଆମର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ବର୍ତ୍ତମାନ ରଣପୁର ବ୍ଲକରେ ମରାମତି ଚାଲିଛି। ଏହାପରେ ନୂଆଗାଁ ବ୍ଲକରେ ମରାମତି କରାଯିବ ବୋଲି ସେ କହିଛନ୍ତି।



ବିଦ୍ୟୁତ୍ ପୋଲରେ ଅଚଳ ହୋଇ ରହିଥିବା ଲାଇଟ୍ ।

# ବାର୍ଡ ଫ୍ଲୁ ଆଶଙ୍କାରେ ରକ୍ତ, ମଳ ସଂଗ୍ରହ ହେବ

**କେନ୍ଦ୍ରାପଡ଼ା, ୨୮।୮ (ଜଗନ୍ନାଥ ଧଳ)**

- ଜାତୀୟ ଉଦ୍ୟାନରେ ମୌସୁମୀ ପକ୍ଷୀଙ୍କ ସମାବେଶ
- କୁଆ, ବତକ, କୁକୁଡ଼ା, ପାରା ଆଦି ରୋଗର ବାହକ
- ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶ ଜରୁରୀ

ପୁରୀ ଜିଲା ପିପିଲି ଅଞ୍ଚଳରେ ବାର୍ଡ ଫ୍ଲୁ ଦେଖାଦେଇଛି। ପ୍ରତ୍ୟେକ ଦିନ ପାରା, କୁଆ, ବତକ ଆଦିର ଅସ୍ୱାଭାବିକ ସ୍ଥିତି ଅନୁଧ୍ୟାନ ସହ ସମ୍ଭାବ୍ୟ ରୋଗ ସଂକ୍ରମଣ ସ୍ଥାନରେ କୁକୁଡ଼ା ମରାଚାଲିଛି। ଏହାକୁ ଦେଖି କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ମୌସୁମୀ ପକ୍ଷୀଙ୍କ ସମାବେଶ ହୋଇଥିବାରୁ ରାଜନଗର ବନବିଭାଗ ଓ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଓ ଜିଲାର ଅନ୍ୟ ଅଞ୍ଚଳର ବାର୍ଡ ଫ୍ଲୁ ଆଶଙ୍କାରେ କୁକୁଡ଼ା ଫାର୍ମ, ଗୃହପାଳିତ ପକ୍ଷୀଙ୍କ ମଳ ଓ ରକ୍ତ ନମୁନା ସଂଗ୍ରହ କରାଯିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ସେହିପରି ପ୍ରାଣୀଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ରାପିଡ ରେସପନ୍ସ ଟିମ୍ ସହ କୁକୁଡ଼ା ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିଆଁ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ ଲାଗି ବୁଧବାର ନିଷ୍ପତ୍ତି ନିଆଯାଇଛି। କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ଚିକିତ୍ସକମାନେ କହିଛନ୍ତି।

ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ବାର୍ଡ ଫ୍ଲୁ ପାଇଁ ଏଚ୍ ୫, ଏନ୍ ୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁପକ୍ଷୀଙ୍କ ମୃତ୍ୟୁ ହୁଏ। ପକ୍ଷୀଙ୍କ ସହ


ଭିତରକନିକା ମଠଆଡ଼ିଆରେ ଦେଶୀପକ୍ଷୀ।

ମିଳାମିଶା କରୁଥିବା ଲୋକ ଏଥିରେ ସଂକ୍ରମିତ ହେବା ବହୁବାର ଦେଖିବାକୁ ମିଳିଛି। ସଂକ୍ରମିତ ରୋଗ ପାଇଁ କୁକୁଡ଼ା ଚାଷୀ ବିଶେଷ କ୍ଷତିଗ୍ରସ୍ତ ହୋଇଥାନ୍ତି। ସେହିପରି କଞ୍ଚା ଅଥବା ଦରସିଝା ଅଣ୍ଡା ଏହି ସମୟରେ ଆଦୌ ବ୍ୟବହାର କରିବା ଉଚିତ ନୁହେଁ। ବାର୍ଡ ଫ୍ଲୁରେ ସଂକ୍ରମିତ ପ୍ରଥମ ମଣିଷ ୧୯୯୭ ମସିହାରେ ହଂକଂରେ ଚିହ୍ନଟ ହୋଇଥିଲେ। ସେହିବର୍ଷ ପ୍ରାୟ ୬୦ ପ୍ରତିଶତ ଗୃହପାଳିତ ପକ୍ଷୀଙ୍କର ମୃତ୍ୟୁ ହୋଇଥିଲା। ସଂକ୍ରମିତ ପକ୍ଷୀଙ୍କ ମଳ, ଲାଳ, ଆଖିରୁ ନିଗୁଡୁଥିବା ପାଣି ଏହି ଭୂତାଣୁର ବାହକ ହୋଇଥାନ୍ତି। ବିଶେଷକରି ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। କଫ, ଡାଇରିଆ, ଜ୍ୱର, ଶ୍ୱାସ ନେବାରେ କଷ୍ଟ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଳା ଖସଖସ ହେବା, ନାକରୁ ଅନବରତ ପାଣି ଗଡ଼ିବା ଆଦି ଏହି ରୋଗର ପ୍ରାଥମିକ ଲକ୍ଷଣ। ଲକ୍ଷଣ ଦେଖା ହେବାର ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି ସେ କହିଛନ୍ତି। ସେହିପରି ଏ ସମ୍ପର୍କରେ ସିଡିଭିଓ ଡା. ଦୀପ୍ତି ପଟ୍ଟନାୟକଙ୍କୁ ପଚାରିବାରେ ବିଭାଗ ପକ୍ଷରୁ ରାପିଡ ରେସପନ୍ସ ଟିମ୍ ଗଠନ କରାଯାଉଛି। ଏଥିରେ ଜଣେ ଭିଏଏସ୍, ଜଣେ ଏଲ୍‌ଆଇ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଓ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଏହି ଟିମ୍ ଜିଲାର କୁକୁଡ଼ା ଫାର୍ମ ମାଲିକଙ୍କୁ ରୋଗ ଚିହ୍ନଟ ସମ୍ପର୍କରେ ତାଲିମ ପ୍ରଦାନ କରିବ। ଆବଶ୍ୟକତା ଥିଲେ ଭିତରକନିକା ସମେତ ଜିଲାର ଅନ୍ୟ ସ୍ଥାନରେ ପକ୍ଷୀଙ୍କ ମଳ ଓ ରକ୍ତର ନମୁନା ସଂଗ୍ରହ କରାଯାଇ କଟକସ୍ଥ ଏଡିଆର୍‌ଆଇ (ଆନିମାଲ ଡିଜିଜ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ)କୁ ପଠାଯିବ। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ଅସୁସ୍ଥ ପକ୍ଷୀଙ୍କୁ ଚିହ୍ନଟ କରିବାକୁ ବନ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଦ୍ୟାବଧି କୌଣସି ପକ୍ଷୀ ଏହି ରୋଗରେ ଶିକାର ହୋଇଥିବା ପରି ଚିହ୍ନଟ ହୋଇ ନ ଥିବା ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଶାନ୍ତ


@ ସନାତନ


@ ସରୋଜ


@ ଜୟଦେବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁଣି ସ୍କୁଲରେ ଅସୁସ୍ଥ ହେଲେ ୩୦ ଛାତ୍ରୀଛାତ୍ର


ଅସୁସ୍ଥ ଛାତ୍ରୀଛାତ୍ର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

**ଆଳି, ୨୮।୮ (ବନମାଳୀ ସେନାପତି):**

## ଆଳି ବ୍ଲକ୍‌ରେ ୧୫ଦିନ ମଧ୍ୟରେ ଦ୍ୱିତୀୟ ଘଟଣା

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ୨ ହାଇସ୍କୁଲରେ ପୁଣି ୩୦ ଛାତ୍ରୀଛାତ୍ର ବୁଧବାର ହଠାତ୍ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଛାତ୍ରୀଛାତ୍ର ସୁସ୍ଥ ଥିବା ସୂଚନା ମିଳିଛି। ଚଳିତ ମାସରେ ବ୍ଲକ ଅଞ୍ଚଳରେ ଏପରି ଘଟଣା ୨ଥର ଘଟିବା ପରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ସହ ଶିକ୍ଷା ବିଭାଗ କର୍ମକର୍ତ୍ତା ଚିନ୍ତାରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଆଳି ବ୍ଲକ ସିଙ୍ଗିରିସ୍ଥିତ ଚକ୍ରଧର ହାଇସ୍କୁଲରେ ପାଠପଢ଼ା ଚାଲିଥିବା ବେଳେ ୧୭ ଜଣ ଛାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପୁଣି ବୁଧବାର ଆଳି ସଦର ମହାକୁମା ମେଣ୍ଟପୁର ପଞ୍ଚାୟତରେ ଥିବା ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମେଣ୍ଟପୁର ଗ୍ରାମ ପଞ୍ଚାୟତ ହାଇସ୍କୁଲର ୩୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି, ପୂର୍ବାହ୍ନରେ ସ୍କୁଲରେ ପ୍ରାର୍ଥନା ଚାଲିଥିବା ବେଳେ ଷଷ୍ଠ ଶ୍ରେଣୀର ଜଣେ ଛାତ୍ରୀ ହଠାତ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ସ୍କୁଲ କମନ୍‌ରୁମକୁ ନିଆଯାଇଥିଲା। ସେଠାରେ ସେ ବିଶ୍ରାମ ନେଇଥିଲେ। ପରେ ଜଣକ ପରେ ଜଣେ ଛାତ୍ରୀ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ବାନ୍ତି କରିଥିଲେ। ଏହା ଦେଖି ବିଦ୍ୟାଳୟ ପକ୍ଷରୁ ଶିକ୍ଷାବିଭାଗକୁ ଅବଗତ କରାଯିବା ସହ ମେଡିକାଲ ଟିମ୍‌କୁ ଖବର ଦିଆଯାଇଥିଲା। ମେଡିକାଲ ଟିମ୍ ସ୍କୁଲରେ ପହଞ୍ଚି କେତେଜଣ ଅସୁସ୍ଥ ଛାତ୍ରୀଙ୍କୁ ସ୍ୱାସ୍ଥକେନ୍ଦ୍ରକୁ ଆଣିଥିଲେ। ଏହାପରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଆଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଛାତ୍ରୀଛାତ୍ରଙ୍କ ହଠାତ ଏଭଳି ଅବସ୍ଥାକୁ ନେଇ ସ୍କୁଲ ଛୁଟି କରି ଦିଆଯାଇଥିଲା। ଦୁଇ ବିଦ୍ୟାଳୟର ଖୁସିନାମା ଫିର୍ଦ୍ଦୋସ, ସାଦିଆ ତାବସୁମ, ସୋନିଆ ଫିର୍ଦ୍ଦୋସ, ଦରଉଶା ନେଷା, ଗୁଲପଶା ବେଗମ, ରୁବିନା ଖାତୁନ, ରୁମାନା ବେଗମ, ନାଜିଆ ଫିର୍ଦ୍ଦୋସ, ତଇନା ପରିୱିନ, ରୁହାନି ନେସା, ଆଇସା ଖାନମ, ତାୟନା ବେଗମ, ରୁହାନି ନିଶା, ନିବେଦିତା ମଲ୍ଲିକ, ପାୟଲ ମଲିକ, ଖାଦିଜା ଫିର୍ଦ୍ଦୋସଙ୍କ ସମେତ ୩୦ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଡାକ୍ତର ଇନ୍ଦ୍ରଭାନୁ ପ୍ରଧାନ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଚିକିତ୍ସା କରାଇଥିଲେ। କେତେଜଣ ଛାତ୍ରୀ ସାମାନ୍ୟ ଜ୍ୱରରେ ପୀଡ଼ିତ ଥିଲେ। ଆଉ କେତେଜଣ ଛାତ୍ରୀ ଖାଇ ନ ଥିବାରୁ ଗ୍ୟାସ୍ ଜନିତ ସମସ୍ୟା ଦେଖାଦେଇଛି। ଅଧିକାଂଶ ଛାତ୍ରୀ ଛାନିଆ ହୋଇଥିବା ଡାକ୍ତର କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ପ୍ରଣବ କୁମାର ଶୁକ୍ଳା ଘଟଣା ଉପରେ ନଜର ରଖିଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସଜାଗ ରହିଛନ୍ତି।

# ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଆର୍‌ଆଇ

**ବାଲିକୁଦା, ୨୮।୮ (ତାପସ ସ୍ୱାଇଁ)**



ଜମିର କିସମ ପରିବର୍ତ୍ତନ ଲାଗି ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ବୁଧବାର ଜଣେ ଆର୍‌ଆଇ ଧରାପଡ଼ିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ତହସିଲ ମଲ୍ଲିକାପୁର ରାଜସ୍ୱ ନିରୀକ୍ଷକ (ଆରଆଇ) ବିଦ୍ୟୁଦତ୍ତ ସାହୁ। ମଲ୍ଲିକାପୁର ଆରଆଇ ସର୍କଲ ଅଧୀନ ଅଳାବୋଲ ଗାଁର ନିମାଇଁ ଜେନାଙ୍କର ଚାଷ ଜମିକୁ ଘରବାଡ଼ି କରାଇଦେବାକୁ ସେ ଏହି ଲାଞ୍ଚ ମାଗିଥିଲେ। ପୂର୍ବରୁ ଜେନା ୫ ହଜାର ଦେଇଥିବା ବେଳେ ବୁଧବାର ଅବଶିଷ୍ଟ ୫ ହଜାର ଟଙ୍କା ତାଙ୍କ ଆର୍‌ଆଇ କାର୍ଯ୍ୟାଳୟରେ ନେଇ ଦେଇଥିଲେ। ଜେନା ଟଙ୍କା ଦେଇ ଫେରିବା କ୍ଷଣି ପୂର୍ବରୁ ପ୍ରସ୍ତୁତ କଟକ ଭିଜିଲାନ୍ସ ଟିମ୍ ସାହୁଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ୫ ହଜାର ଟଙ୍କାକୁ ଜବତ କରାଯାଇଥିଲା। ସଙ୍ଗେ ସଙ୍ଗେ ଭିଜିଲାନ୍ସ ଟିମ୍ ତାଙ୍କୁ ସାଙ୍ଗରେ ଧରି ଜଗତ୍‌ସିଂହପୁର ସ୍ଥିତ ଦୁର୍ନୀତି ନିବାରଣ କାର୍ଯ୍ୟାଳୟକୁ ନେଇ ଯାଇଥିଲେ। ଏ ନେଇ ଅଧିକ ପଚରାଉଚରା ଚାଲିଥିବା ବେଳେ କଟକ ଭିଜିଲାନ୍ସ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଆଜି ତଦନ୍ତ କରିବ ଜିଲା ଶିକ୍ଷା ବିଭାଗ

## ସ୍କୁଲରେ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଘଟଣା

**କେନ୍ଦ୍ରାପଡ଼ା, ୨୮।୮ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଅଧୀନ ଏକ ପୁରାତନ ହାଇସ୍କୁଲରେ ସ୍ୱାଧୀନତା ଦିବସ ପାଳନ ସମୟରେ ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଏନେଇ ଚର୍ଚ୍ଚା ହେବା ସହ ପ୍ରଧାନ ଶିକ୍ଷକ ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଗତ ୨୩ରେ ଚିଠି ନଂ. ୮୨ରେ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଅସନ୍ତୋଷ ବଢୁଥିବାରୁ ଗୁରୁବାର ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ତଦନ୍ତ ହେବ ବୋଲି ସୂଚନା ମିଳିଛି। ଗତ ସ୍ୱାଧୀନତା ଦିବସରେ ଜାତୀୟ ସଙ୍ଗୀତ ଗାନ ପରେ ୨ ଜଣ ଛାତ୍ର ପାକିସ୍ତାନ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ। ପଛରେ ଜଣେ ଛାତ୍ର ମଧ୍ୟ ଜିନ୍ଦାବାଦ କହିଥିଲେ। ଏପରି ସମ୍ବେଦନଶୀଳ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିଥିଲା। ଏହି ଅଞ୍ଚଳରେ ପୂର୍ବରୁ ଜଣେ ଅଭିଯୁକ୍ତ ଅନ୍ତର୍ଜାତୀୟ ଆତଙ୍କବାଦୀଙ୍କ ସମ୍ପୃକ୍ତି ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ପାକିସ୍ତାନ ଜିନ୍ଦାବାଦ ଘଟଣା ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି। ସମ୍ପୃକ୍ତ ଛାତ୍ରମାନଙ୍କୁ ଅଭିଭାବକମାନଙ୍କ ଜରିଆରେ ଭବିଷ୍ୟତରେ ଏପରି ସ୍ଲୋଗାନ ଦେବେ ନାହିଁ ବୋଲି ଏକ ଲିଖିତ ପ୍ରତିଶ୍ରୁତି ପତ୍ର ପାଇଁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଜଣାଇଥିଲେ। ଏହାସତ୍ତ୍ୱେ ସମସ୍ୟା ଜଟିଳ ଆକାରକୁ ଗତି କରୁଥିବାରୁ ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଗତ ୨୩ ତାରିଖରେ ପ୍ରଧାନ ଶିକ୍ଷକ ଜଣାଇଥିଲେ। ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରେ ଟେଲିଫୋନ୍ ଯୋଗେ ପ୍ରାଥମିକ ତଦନ୍ତ କରାଯାଇଛି। ଗୁରୁବାର ଘଟଣାସ୍ଥଳରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ୩୫.୨୦ ଗ୍ରାମ ବ୍ରାଉନସୁଗାର, ୧.୪୮ ଲକ୍ଷ ଟଙ୍କା ଜବତ, ୨ ଗିରଫ


ଗିରଫ ୨ ଅଭିଯୁକ୍ତ ଓ ଜବତ ଟଙ୍କା।

**ଜଗତ୍‌ସିଂହପୁର, ୨୮।୮ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଥାନା ପୋଲିସକୁ ବଡ଼ ସଫଳତା ମିଳିଛି। ଏହି ଥାନା ଅନ୍ତର୍ଗତ ତରିକୁନ୍ଦ ବେହେରାମପୁର ଗାଁରେ ଚଢ଼ାଉ କରି ପୋଲିସ ୩୫.୨୦ ଗ୍ରାମ୍ ବ୍ରାଉନ ସୁଗାର (ଆନୁମାନିକ ମୂଲ୍ୟ ୩.୫ ଲକ୍ଷ ଟଙ୍କା) ସହ ନଗଦ ୧.୪୮ ଲକ୍ଷ ଟଙ୍କା ଓ ଏକ ସ୍ମାର୍ଟ ମୋବାଇଲ ଫୋନ ଜବତ କରିଥିବା ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୋଲିସ ଏନେଇ ନଂ. ୮୦୭/୨୪ରେ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେହେରାରାମପୁର ଗାଁର ଅବଦୁଲ ସୂତାର ଖାଁ (୬୪) ଓ ଉକ୍ତ ଗାଁରେ ରହୁଥିବା ଯାଜପୁର ଜିଲା ଧର୍ମଶାଳା ଥାନା ନେଉଳପୁର ଗାଁର ଦିଲୀପ ଜେନା (୩୦)। ମଙ୍ଗଳବାର ବିଶେଷ ସୂତ୍ରରୁ ଖବରପାଇ ଏକ ସ୍ୱତନ୍ତ୍ର ପୋଲିସ ଦଳ ଚଢ଼ାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ସହ ଉପରୋକ୍ତ ସାମଗ୍ରୀ ଜବତ କରିବାକୁ ସକ୍ଷମ ହୋଇଥିଲେ।

# କଳାପଥର ପାଇଁ ଅଟକିଛି ଭୂତଳ ତୈଳଭଣ୍ଡାର ପ୍ରକଳ୍ପ

**ଯାଜପୁର, ୨୮।୮ (ହର୍ଷବର୍ଦ୍ଧନ ବେହେରା):**

## ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମଶାଳା ବିଧାୟକଙ୍କ ଚିଠି

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଡଙ୍କାରୀ ପାହାଡ଼ ପାଦଦେଶ ଚଣ୍ଡିଖୋଲଠାରେ ଦେଶର ଚତୁର୍ଥ ସର୍ବବୃହତ୍ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ବା ଷ୍ଟ୍ରାଟେଜି ପେଟ୍ରୋଲିୟମ ରିଜର୍ଭ(ଏସ୍‌ପିଆର୍) ପ୍ରତିଷ୍ଠାରେ ବହୁ ବିଳମ୍ବ ହୋଇଛି। ଜାତୀୟ ଶକ୍ତି ନିରାପତ୍ତା ଏବଂ ଓଡ଼ିଶାର ବିକାଶ ପାଇଁ ଏହି ପ୍ରକଳ୍ପକୁ ପ୍ରତିଷ୍ଠା କରିବାକୁ ତତ୍କାଳୀନ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ୟମ କରିଥିଲେ। ଏହି କ୍ରମରେ ବର୍ତ୍ତମାନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

ସେ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ୨୦୧୮ ଡିସେମ୍ବର ୭ରେ ଏହି ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଥିଲା। ଏହାପରେ ବିଭାଗୀୟ ମନ୍ତ୍ରଣାଳୟ ପକ୍ଷରୁ ନିରନ୍ତର ପ୍ରୟାସ ସତ୍ତ୍ୱେ ବହୁ ବିଳମ୍ବ ଘଟିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧୀନରେ ଥିବା ପ୍ରଶାସନ ଓ ପୂର୍ବତନ ବିଧାୟକ ମିଳିତ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ପ୍ରଗତିରେ ବାଧା ସୃଷ୍ଟି କରିଥିଲେ। ବେଆଇନ କଳାପଥର ଖନନକୁ ସୁରକ୍ଷା ଦେବାକୁ ଯାଇ ଏଭଳି ନକାରାତ୍ମକ ପଦକ୍ଷେପ ନିଆଯାଇଥିଲା। ତେଣୁ ଏହି ଅଞ୍ଚଳରେ ଚାଲିଥିବା ବେଆଇନ ଖଣି କାର୍ଯ୍ୟକୁ ରୋକିବାରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଯାହା ଆମ ପରିବେଶ ତଥା ସ୍ଥାନୀୟ ସମ୍ପ୍ରଦାୟ ଉପରେ କ୍ଷତିକାରକ ପ୍ରଭାବ ପକାଇଛି। ଏହି ପ୍ରକଳ୍ପର ବିକାଶ କେବଳ ସ୍ଥାନୀୟ ଅର୍ଥ ବ୍ୟବସ୍ଥାକୁ ବୃଦ୍ଧି କରିବ ନାହିଁ ବରଂ ସ୍ଥାୟୀ ଏବଂ ଆଇନଗତ ବିକାଶ ଦିଗରେ ଏକ ଦୃଢ଼ ପଦକ୍ଷେପ ଭାବେ କାର୍ଯ୍ୟ କରିବ। ଓଡ଼ିଶା ପାଇଁ ଏହି ପ୍ରକଳ୍ପର ଅପାର ସମ୍ଭାବନାକୁ ବିଚାର କରାଯାଉ। ଏହି ପ୍ରସ୍ତାବିତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳ ଦ୍ୱାରା ଆବଶ୍ୟକ ଅନୁମୋଦନ ପ୍ରଦାନ କରାଯିବାରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଏବଂ ସମର୍ଥନ ଗୁରୁତ୍ୱପୂର୍ଣ୍ଣ ଅଟେ। ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଗତ ୬ ବର୍ଷ ହେଲା ଜମି ନ ମିଳିବାରୁ ଅଟକି ରହିଛି। ତତ୍କାଳୀନ ବିଜେଡି ସରକାର କଳାପଥର ଖାଦାନ ପାଇଁ ଜମି ଯୋଗାଇ ଦେବାରେ ଟାଳଟୁଳ ନୀତି ଆପଣାଇଥିବା ଭାଜପା ପକ୍ଷରୁ ସେତେବେଳେ ଅଭିଯୋଗ ହୋଇଥିଲା। ଓଡ଼ିଶାରେ ଭାଜପା ଏକାକୀ ସରକାର ଗଢ଼ିଥିବାରୁ ଏବେ କେନ୍ଦ୍ର ସରକାରଙ୍କ ବହୁ ପ୍ରତୀକ୍ଷିତ ଭୂତଳ ତୈଳଭଣ୍ଡାର



ପୁଣି ପ୍ରତିଷ୍ଠା ହେବାର ଆଶା ଉଦ୍‌ଜୀବିତ ହୋଇଛି। ଏଥିପାଇଁ ସରକାର ଚାହିଁଲେ ଏବେ ଜମି ଅଧିଗ୍ରହଣରେ କୌଣସି ବାଧା ଉପୁଜିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ଅର୍ଥମନ୍ତ୍ରୀ ୨୦୧୭-୧୮ ବଜେଟରେ ଏହି ଭୂତଳ ତୈଳଭଣ୍ଡାର ପାଇଁ ୩୮୦୦ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଜରୁରିକାଳୀନ ସମୟରେ ପେଟ୍ରୋଲିୟମ ଦ୍ରବ୍ୟ ଯୋଗାଇ ଦେବାକୁ ୩.୭ ମିଲିୟନ ମେଟ୍ରିକ ଟନ୍(ଏମଏମଟି) କ୍ଷମତା ବିଶିଷ୍ଟ ସଂରକ୍ଷଣ ଭଣ୍ଡାରର ଉଦ୍ଦେଶ୍ୟ ରହିଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟର ଏହି ଐତିହାସିକ ପ୍ରସ୍ତାବକୁ ସବୁ ମହଲରୁ ସ୍ୱାଗତ କରାଯାଇଥିଲା। ଇତିମଧ୍ୟରେ ବିଭିନ୍ନ ସମୟରେ କେନ୍ଦ୍ରୀୟ ଦଳଗୁଡ଼ିକ ପ୍ରସ୍ତାବିତ ଡଙ୍କାରୀ ଅଞ୍ଚଳ ପରିଦର୍ଶନ କରି ଫେରି ଯାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ରାଜସ୍ୱ ହରାଇବେ ବୋଲି ଆକଳନ କରାଯାଇ ରାଜ୍ୟ ସରକାରଙ୍କୁ ସେତେବେଳେ ଅବଗତ କରାଯାଇଥିଲା। ତେଣୁ ଜମି ଯୋଗାଇବା ଦେବାରେ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ଧର୍ମଶାଳା ତହସିଲଦାର ତାଙ୍କ ପତ୍ରସଂଖ୍ୟା ୧୧୮୬/୧୨।୪।୨୦୧୮ରେ ଡଙ୍କାରୀରେ ଚାଲିଥିବା ସମସ୍ତ କଳାପଥର ଖାଦାନଗୁଡିକୁ ବନ୍ଦ କରିବାକୁ ଯାଜପୁର ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ସରକାରଙ୍କ ଆଇନ ଅନୁସାରେ ସେତେବେଳେ କୌଣସି କଳାପଥର ଖାଦାନକୁ ଲିଜ୍ ସୂତ୍ରରେ ଅନୁମତି ଦିଆଯାଇ ନ ଥିଲା। କିନ୍ତୁ ଧର୍ମଶାଳା ତହସିଲଦାର ଜିଲାପାଳଙ୍କୁ ତାଙ୍କ ପତ୍ରସଂଖ୍ୟା ୧୧୮୯/୧୨।୪।୨୦୧୮ରେ ଡଙ୍କାରୀରେ ଚାଲିଥିବା ୩ଟି ଅନୁମତିପ୍ରାପ୍ତ ଓ ୧୩ଟି ଅନୁମତି ଅପେକ୍ଷାରେ ଥିବା ପଥର ଖାଦାନ ବନ୍ଦ ହେଲେ ସରକାର ଉପରୋକ୍ତ ଅର୍ଥ କ୍ଷତିରେ ପଡିବେ ବୋଲି ଜଣାଇଥିଲେ। ଡଙ୍କାରୀ ପାହାଡ଼ ପାଦଦେଶରେ ଥିବା ୨୨୧ ଖାତା ନମ୍ବର, ୬୦୦ ପ୍ଲଟ ନମ୍ବରର ୭୭୩.୬୦ ଏକର ପର୍ବତ କିସମ ଜମିରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବ ରହିଥିଲା। ଏଥିରେ ପ୍ରାୟ ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା।

# ଗଣଧାରଣା ପରେ ମୁଣ୍ଡ ନୁଆଁଇଲା ଶ୍ରମ ବିଭାଗ

ନୟାଗଡ,୨୮।୮(ଲୋକନାଥ ମିଶ୍ର)

ନୟାଗଡ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ନୟାଗଡ଼ ଜିଲା ଟ୍ରେଡ ୟୁନିୟନ ସମନ୍ୱୟ କମିଟି ଓ ଶ୍ରମିକମାନଙ୍କ ଗଣଧାରଣା ପରେ ଶ୍ରମିକମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛି ଜିଲା ଶ୍ରମ ବିଭାଗ। ଶ୍ରମିକ ଓ ଟ୍ରେଡ୍ ୟୁନିୟନର ୧୩ ଦଫା ଦାବି ମଧ୍ୟରୁ ୧୨ ଦଫା ଦାବି ପୂରଣ କରିବାକୁ ଜିଲା ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହୋଇଥିବା ଗଣ ଧାରଣା ଅପରାହ୍ନ ସାଢ଼େ ୧ଟାରେ ପ୍ରତ୍ୟାହୃତ ହୋଇଛି। ପ୍ରଶାସନର ପ୍ରତିଶୃତି ପରେ ଅନ୍‌ଲାଇନ ଆବେଦନକାରୀଙ୍କୁ ଆଉ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଆସିବାକୁ ପଡିବନି। ପୁଣି ସରକାରୀ ନିୟମ ମୁତବାକ ନିର୍ଦ୍ଦିଷ୍ଟ ସମୟ ଭିତରେ ବିବାହ ଓ ମୃତ୍ୟୁ କାଳୀନ ସହାୟତା ଯୋଗାଇ ଦିଆଯିବ। ସେହିଭଳି ଅଣ ସଙ୍ଗଠିତ ଶ୍ରମିକ ଓ ନିର୍ମାଣ ଶମିକଙ୍କ ପଞ୍ଜୀକରଣ ଆଇନ ଭିତରେ ହେବ। ଟ୍ରେଡ ୟୁନିୟନ ସମନ୍ୱୟ କମିଟିର ଆପତ୍ତ, ଅଭିଯୋଗକୁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଅଣଦେଖା କରିବେନି ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନ ସ୍ଥଳକୁ ଡେପୁଟି କଲେକ୍ଟର ଅକ୍ଷୟ କୁମାର ବେହେରା, ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ର, ଭାରପ୍ରାପ୍ତ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଚିତ୍ତରଞ୍ଜନ ରାଉତ, ଜିଲା ଶ୍ରମ ଅଧିକାରୀ ସୁଧିର କୁମାର ସାହୁ ପହଞ୍ଚି ବୁଝାଶୁଝା କରିବା ସହ ଶ୍ରମିକଙ୍କ ୧୨ ଦଫା ଦାବି ମାନି ନିଆଗଲା ବୋଲି ଘୋଷଣା କରିଥିଲେ।


ଧାରଣାରେ ବସିଥିବା ଶ୍ରମିକମାନେ।

- ଅନ୍‌ଲାଇନ ଆବେଦନକାରୀ ଆଉ ଦୌଡିବେନି ଅଫିସ
- ନିର୍ଦ୍ଦିଷ୍ଟ ସମୟରେ ମିଳିବ ବିବାହ ଓ ମୃତ୍ୟୁକାଳୀନ ସହାୟତା
- ପଞ୍ଜୀକରଣରେ ଉପେକ୍ଷିତ ହେବେନି ଅଣସଙ୍ଗଠିତ ଓ ନିର୍ମାଣ ଶ୍ରମିକ
- ଟ୍ରେଡ୍ ୟୁନିୟନ ସମନ୍ୱୟ କମିଟିର ଅଭିଯୋଗକୁ କରାଯିବନି ଅଣଦେଖା

ଅଭିଯୋଗ ଅନୁଯାୟୀ, ୨୦୧୭ରୁ ଜିଲାର ବିଭିନ୍ନ ବ୍ଲକରେ କ୍ୟାମ୍ପ କରାଯାଇ ଅଫ୍ ଲାଇନରେ ୨୨ ହଜାର ନିର୍ମାଣ ଶ୍ରମିକଙ୍କୁ ଚିହ୍ନଟ କରାଯାଇଥିଲେ ମଧ୍ୟ ସେମାନଙ୍କୁ ପଞ୍ଜିକୃତ କରାଯାଉ ନାହିଁ। ସେହିପର ଅନ୍‌ଲାଇନରେ ୧୦ ହଜାରରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଓ ୮୦୦ରୁ ଉର୍ଦ୍ଧ ଅଣ ସଙ୍ଗଠିତ ଶ୍ରମିକ ଆବେଦନ କରିଥିଲେ ମଧ ସେମାନଙ୍କୁ ପ୍ରାୟ ୨ବର୍ଷ ହେଲା ପଞ୍ଜୀକରଣ କରାଯାଇ ନାହିଁ। ଅନଲାଇନରେ ଆବେଦନ କରିଥିବା ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକରଣର ଆଳ ଦେଖାଇ ଆର୍ଥିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ପ୍ରତିବାଦ କଲେ ଗିରଫ କରିବାର ଧମକ ଦିଆଯାଉଛି। ଅନ୍ୟପକ୍ଷେ ଶ୍ରମିକମାନଙ୍କ ପାଇଁ ଶ୍ରମ କାର୍ଯ୍ୟାଳୟରେ ଅପେକ୍ଷା ଗୃହ, ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଶ୍ରମିକମାନେ ଅଫିସକୁ ଆସି ସବୁବେଳେ ହଇରାଣ ହରକତ ହେଉଛନ୍ତି। ପୁଣି ମୃତ୍ୟୁ କାଳୀନ ସହାୟତା ନିର୍ମାଣ ଶ୍ରମିକଙ୍କ ପାଇଁ ଆବେଦନର ୬୦ ଦିନ ଭିତରେ ଓ ଅଣ ସଙ୍ଗଠିତ ଶ୍ରମିକଙ୍କ ପାଇଁ ୩୦ ଦିନ ଭିତରେ କରିବାକୁ ସରକାରୀ ଗାଇଡ୍‌ଲାଇନ ରହିଛି। ତେବେ ସରକାରୀ ଗାଇଡ୍‌ଲାଇନକୁ ଶୀତଳଭଣ୍ଡାରକୁ ଫୋପାଡ଼ି ୭ ବର୍ଷ ହେଲା ସହାୟତା ରାଶି ଜିଲା ଶ୍ରମ ବିଭାଗ ଦେଉ ନାହିଁ। ତେବେ ନିଜର ଦୋଷ ଛଡାଇବାକୁ ମଝିରେ ମଝିରେ କିଛି ହିତାଧିକାରୀ ଚିହ୍ନଟ କରି ସହାୟତା ରାଶି ବଣ୍ଟନ କରି ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ବାହାବା ନେଉଛି। ଶ୍ରମ ବିଭାଗର ବାହାବାକୁ ଶ୍ରମିକମାନେ ବିରୋଧ କରୁଥିଲେ ମଧ୍ୟ ସୁଫଳ ପାଉ ନାହାନ୍ତି। ସେହିଭଳି ନିର୍ମାଣ ଶ୍ରମିକଙ୍କ ନବୀକରଣ ଠିକରେ କରାଯାଉନି। ୩ ବର୍ଷରୁ ଉର୍ଦ୍ଧ୍ୱ ଅନେକ ନିର୍ମାଣ ଶ୍ରମିକ ନବୀକରଣ ପାଇଁ ଅପେକ୍ଷା ରତ ଅଛନ୍ତି।

ଏନେଇ ନୟାଗଡ଼ ଜିଲା ଟ୍ରେଡ ୟୁନିୟନ ସମନ୍ୱୟ କମିଟିର ସଭାପତି ଶୂନ୍ୟ ଜୟୀ ମିଶ୍ର କୁହନ୍ତି, ୩୨ଟି ଶ୍ରମିକ ସଙ୍ଗଠନକୁ ନେଇ ନୟାଗଡ଼ ଜିଲା ଟ୍ରେଡ ୟୁନିୟନ ସମନ୍ୱୟ କମିଟି ଗଠନ କରାଯାଇଛି। ଶ୍ରମିକମାନଙ୍କର ଦାବି, ସମସ୍ୟା ନେଇ ବାରମ୍ବାର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଅବଗତ କରାଯାଇଥିଲା। ଏପରିକି ଗଣଧାରଣା ଦିଆଯିବାକୁ ଚେତାବନୀ ଦିଆଯାଇଥିଲା। ହେଲେ ଜିଲା ଶ୍ରମ ବିଭାଗ ଶ୍ରମିକମାନଙ୍କ ଆନ୍ଦୋଳନକୁ ଅଣଦେଖା କରିବାରୁ ବାଧ୍ୟ ହୋଇ ଗଣଧାରଣା ଦିଆଗଲା। ଗଣଧାରଣା ପରେ ଶ୍ରମିକମାନଙ୍କ ଦାବିକୁ ପ୍ରଶାସନ ମାନି ନେଇଛି। ତେବେ ଦାବି ପୂରଣ ନ ହେଲେ ପୁଣି ଆମେ ଆନ୍ଦୋଳନକୁ ଓହ୍ଲାଇବାକୁ ବୋଲି କହିଛନ୍ତି। ନୟାଗଡ଼ ଜିଲା ଟ୍ରେଡ ୟୁନିୟନ ସମନ୍ୱୟ କମିଟିର ସମ୍ପାଦକ ବସୁଦେବ ମହାନ୍ତି କୁହନ୍ତି, ଅନ୍ ଲାଇନରେ ଶ୍ରମିକ ପଞ୍ଜୀକରଣ, ନବୀକରଣ ଓ ବିଭିନ୍ନ ସହାୟତା ରାଶି ପାଇବା ପାଇଁ ଆବେଦନ ହେଉଛି। କିନ୍ତୁ ସରଜମିନ ତଦନ୍ତ ନ କରି ଶ୍ରମ ବିଭାଗର କର୍ମଚାରୀ ଓ ଅଧିକାରୀ ରଦ୍ଦ କରିବା ବେଆଇନ। ଏଣୁ ଆମେ ୧୩ ଦଫା ଦାବି ନେଇ ବୁଧବାର ଗଣଧାରଣା ଦେଇଥିଲୁ। ଗଣଧାରଣାରେ ଶ୍ରମିକ ନେତା ପ୍ରମୋଦ କୁମାର ମହାରଣା, ରଘୁନାଥ ମହାରଣା, ସମରେନ୍ଦ୍ର ଦାସ, ରମେଶ ଚନ୍ଦ୍ର ପଣ୍ଡା, ରମେଶ ନାଏକ, ସନ୍ତୋଷ ନାଏକ, ସବିତା ରାଣୀ ସାଥୁଆ, ବସନ୍ତ ସାହୁ ଓ ବସନ୍ତ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରଶାନ୍ତ


@ ସନାତନ


@ ସରୋଜ


@ ଜୟଦେବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ଗାଁରେ ନନ୍ଦୋତ୍ସବ ପାଳିତ

ଓଡ଼ଗାଁ,୨୮।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁର ବିଭିନ୍ନ ସ୍ଥାନରେ ସୋମବାର ଓ ମଙ୍ଗଳବାର ଶ୍ରୀଜନ୍ମାଷ୍ଟମୀ ଓ ନନ୍ଦୋଉତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାଧାକାନ୍ତ ମଠ ସମେତ ବିଭିନ୍ନ ମଠ ମନ୍ଦିରରେ ସୋମବାର ଶ୍ରୀଜନ୍ମାଷ୍ଟମୀ ପାଳିତ ହୋଇଥିଲା। ଘରେ ଶ୍ରଦ୍ଧାଳୁମାନେ ଆଣ୍ଠୁଆ ଗୋପାଳଙ୍କୁ ପଞ୍ଚାମୃତରେ ସ୍ନାନ କରିବା ପରେ ସୁସଜ୍ଜିତ ଦୋଳିରେ ବସାଇ ଲବଣୀ ଭୋଗ ଲାଗି କରିଥିଲେ। ନିକଟସ୍ଥ କୋମଣ୍ଡ ଶ୍ରୀସଚ୍ଚିଦାନନ୍ଦ ସେବାଶ୍ରମ ପରିସରରେ ଥିବା ଶ୍ରୀମଦନମୋହନଙ୍କ ମନ୍ଦିର ପ୍ରାଙ୍ଗଣରେ ୨ଦିନ ବ୍ୟାପୀ ଜନ୍ମାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ସୋମବାର ସନ୍ଧ୍ୟାରୁ ଶ୍ରୀମଦ୍‌ଭାଗବତ ପାଠ, ସଂକୀର୍ତ୍ତନ ଓ ଭଜନ ଅନୁଷ୍ଠିତ ହୋଇଥିଲା। ରାତି ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଶତାଧିକ ଶଦ୍ଧାଳୁଙ୍କ ଗହଣରେ ଜନ୍ମନୀତି ଅନୁଷ୍ଠିତ ହୋଇଥିଲା। ସେହିପରି ମଙ୍ଗଳବାର ନନ୍ଦୋଉତ୍ସବ ଅବସରରେ କୋମଣ୍ଡ ଅଞ୍ଚଳର ଶତାଧିକ ବାଳିକା ବାଳକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ରାଧାକୃଷ୍ଣ ରୂପଲୀଳା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହିତ ନଗର ଭ୍ରମଣ କରିଥିଲେ। ସମସ୍ତଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମନ୍ଦିର ଟ୍ରଷ୍ଟି ତଥା ଶ୍ରୀଅନୁଷ୍ଠାନ ଚେୟାରମ୍ୟାନ ଶ୍ରୀନିବାସ ସୁବୁଦ୍ଧି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଉଠାଣିସାହିରେ ନନ୍ଦୋତ୍ସବ

ନୂଆଗାଁ,୨୮।୮(ଧନେଶ୍ୱର ସାହୁ):ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଦର ପଞ୍ଚାୟତ ଉଠାଣିସାହି ଗ୍ରାମରେ ମଙ୍ଗଳବାର ନନ୍ଦ ଉତ୍ସବ ପାଳିତ ହୋଇ ଯାଇଛି। ନୂଆଗାଁ ଉଠାଣିସାହିଠାରେ ଥିବା ରାଧାକୃଷ୍ଣ ମନ୍ଦିରରେ ସୋମବାର କୃଷ୍ଣ ଜନ୍ମ ନୀତି ଅନୁଷ୍ଠିତ ହୋଇଯାଇଥିଲା। ରାଧାକୃଷ୍ଣ ମନ୍ଦିରରେ ଦିନ ତମାମ କୃଷ୍ଣ ଜନ୍ମ ଲୀଳା ପୁରାଣ ପାଠ କରାଯାଇଥିବା ବେଳେ କୃଷ୍ଣ ଭକ୍ତମାନେ ଉପବାସ ରହି ପୁରାଣ ଶ୍ରବଣ କରିଥିଲେ। ପୁରାଣ ଅନୁଯାୟୀ କୃଷ୍ଣ ଜନ୍ମ ପରଦିନ ନନ୍ଦ ଉତ୍ସବ ପାଳନର ପରମ୍ପରା ରହିଆସିଛି। ସେହିଅନୁସାରେ ଉଠାଣିସାହିରେ ନନ୍ଦ ଉତ୍ସବ ପାଳନ କରାଯାଇଛି। ସାହିର ଯୁବକମାନେ ନନ୍ଦ ରାଜା, ନନ୍ଦରାଣୀ, କୃଷ୍ଣ, ଗୋପୀ, ଗୋପ ଗଉଡ ଆଦି ବେଶରେ ଶୋଭାଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କୁ ବିମାନରେ ନିଆଯାଇଥିଲା।


ନନ୍ଦୋତ୍ସବ ଅବସରରେ ବାହାରିଥିବା ଶୋଭାଯାତ୍ରା।

ଲୋକ ସମ୍ପର୍କ ଅଧିକାରୀ ଗୋଲକ ବିହାରୀ ଜେନା ସହଯୋଗ କରିଥିଲେ। ଏତଦ୍‌ବ୍ୟତୀତ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଚପନ ପ୍ଲେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା।

# ୩୨ ୟୁନିଟ୍ ରକ୍ତ ସଂଗ୍ରହ

ଦଶପଲ୍ଲା,୨୮।୮(ପ୍ରକାଶ କୁମାର ପାଣି)

ମଙ୍ଗଳବାର ଦଶପଲ୍ଲା ଏନ୍‌ଏସିର ପଣସ ପାଟଣାଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସେଠାରେ ରଘୁନାଥ ଜୀଉ ଗ୍ରାମ୍ୟ ଉନ୍ନୟନ କମିଟି ତରଫରୁ ଶ୍ରୀମଦ୍‌ଭାଗବତ ସପ୍ତାଙ୍ଗ ପାରାୟଣ ଏବଂ ପ୍ରଚନ ଚାଲିଥିବା ବେଳେ ମଙ୍ଗଳବାର ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ସ୍ଥାନୀୟ ଜନସାଧାରଣ ଉତ୍ସାହ ସହ ରକ୍ତଦାନ କରିଥିଲେ।

# ବାହାଡ଼ାଝୋଲା ପାକ୍ସ ପରିଚାଳନା କମିଟିକୁ ଭାଙ୍ଗିଲେ ଡିଆରସିଏସ୍

ନୟାଗଡ଼/ନୂଆଗାଁ,୨୮।୮
(ଲୋକନାଥ ମିଶ୍ର/ଧନେଶ୍ୱର ପ୍ରଧାନ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡାଝୋଲା ପ୍ରାଥମିକ କୃଷି ସମବାୟ ସମିତି ଲିଃ(ପାକ୍ସ)ର ପରିଚାଳନା କମିଟିକୁ ନୟାଗଡ଼ ଉପ ନିବନ୍ଧକ ସମବାୟ ସମିତି ସମୁହ (ଡିଆରସିଏସ) ଭଙ୍ଗ କରିଛନ୍ତି। ଅନ୍ୟପକ୍ଷେ ନୂଆଗାଁ ବ୍ଲକ ସମବାୟ ନିରୀକ୍ଷକ ପ୍ରିୟଦର୍ଶନ ପ୍ରଧାନ ପରିଚାଳନା କମିଟି ସଭାପତିଙ୍କଠାରୁ ଚାର୍ଜ ନେଇ ଦାୟିତ୍ୱ ନିର୍ବାହ କରିବେ ବୋଲି ଚିଠିରେ ନିର୍ଦ୍ଦେଶ ରହିଛି । ଏ ନେଇ ଚିଠି ସଂଖ୍ୟା ୯୪୫ ତା ୨୭। ୮।୨୦୨୪ ରେ ପରିଚାଳନା କମିଟିଙ୍କୁ ଜଣାଇଛନ୍ତି। ବାହାଡ଼ାଝୋଲା ପାକ୍ସ ଅନେକ ଦୁର୍ନୀତିରେ ବୁଡ଼ି ରହିଥିଲା। ସମିତିରେ ପରିଚାଳନା କମିଟି ଚାଷୀଙ୍କ ହିତ ପାଇଁ କିଛି କାର୍ଯ୍ୟ କରୁ ନ ଥିଲା। ବିହନ,ସାର କାରବାର କରୁ ନ ଥିଲା। କ୍ୟାସିୟର ନିଯୁକ୍ତି ବେଆଇନ ଭାବେ ହୋଇଥିଲା। ସମିତିର ସଭା ବହି ଓ ନୋଟିସ ବହି ସଭାପତି ଅଫିସରେ ନ ରଖି ଘରେ ରଖୁଥିଲେ। ପରିଚାଳନା କମିଟିଙ୍କୁ ନ ଜଣାଇ ମନ ଇଚ୍ଛା ରେଜୁଲେଶନ କରାଯାଉଥିଲା। ସମିତି ପରିସରରେ ବାଲି ପକାଇ ୪୦ ହଜାର ବିଲ କରିଥିବା ପରି ଅଭିଯୋଗ ନେଇ ନୟାଗଡ଼ ସମବାୟ ଉପ ନିବନ୍ଧକ ଅନନ୍ତ ନାୟକ ପରିଚାଳନା କମିଟି , ସଭାପତି, ସମ୍ପାଦକଙ୍କୁ ନୋଟିସ କରି ତା ୨୭।୮।୨୪ରେ ବ୍ୟକ୍ତିଗତ ପକ୍ଷ ରଖିବା ପାଇଁ କହିଥିଲେ। ସଭାପତିଙ୍କୁ ୨ ଥର ତଦନ୍ତ ପାଇଁ ଚିଠି କରିଥିଲେ ମଧ ସେ ଆସୁ ନ ଥିଲେ। ସୋସାଇଟିର ଏହି ସବୁ ଅନିୟମିତତା ଜଣାପଡିବା ପରେ ବାଧ ହୋଇ ପରିଚାଳନା କମିଟିକୁ ନୟାଗଡ଼ ସମବାୟ ଉପନିବନ୍ଧକ ଭାଙ୍ଗିଥିଲେ ବୋଲ ସୂଚନା ମିଳିଛି ।

# ଆଦର୍ଶ ବିଦ୍ୟାଳୟରେ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଖଣ୍ଡପଡ଼ା,୨୮।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଆଦର୍ଶ ବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ବିଦ୍ୟାଧର ମହାରଣା ମଙ୍ଗଳବାର ଅପରାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ର ଓ ସହକାରୀ ଶିକ୍ଷକମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ । ପୂର୍ବରୁ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଭାବେ ମନୋଜ ବିଶ୍ୱାଳ ଦାୟିତ୍ୱ ତୁଲାଉଥିଲେ । ଦୀର୍ଘ ଦିନ ଧରି ଖାଲି ପଡିଥିବା ଏହି ପଦବୀ ପୁରଣ ହେବା ପରେ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସମାଧାନ ହୋଇ ପାରିବ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି ।

# ଜାତୀୟ ରାଜପଥ ମରଣଯନ୍ତାକୁ ନେଇ ଉଦ୍‌ବେଗ

ନୟାଗଡ଼,୨୮।୮(ଲୋକନାଥ ମିଶ୍ର)

- ଅତିରିକ୍ତ ଜିଲାପାଳଙ୍କୁ ଭେଟି ଫେରାଦ ହେଲେ ସ୍ୱେଚ୍ଛାସେବୀ
- ୨ ଥର ରାସ୍ତା ମରାମତି କରି ସାରିଲେଣି

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥର ଖୋର୍ଦ୍ଧା ଜିଲା ସୀମାନ୍ତ ନୟାଗଡ଼ ଜିଲାର ବିଜିପୁରଠାରୁ ନୟାଗଡ଼ ସହର ଦେଇ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ଖାଲଖମା ହୋଇ ରହିଥିଲେ ହେଁ ଏହାର ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳିସ୍ଥଳେ କେତେଜଣ ସ୍ୱେଚ୍ଛାସେବୀ ଏକଜୁଟ୍ ହୋଇ ୫୭ନଂ.ଜାତୀୟ ରାଜପଥର ଅନେକ ଖାଲକୁ ଦୁଇଥର ଡଷ୍ଟ ଓ ବଜୁରୀ ପକାଇ ରାସ୍ତା ମରାମତି କରି ସାରିଲେଣି। ତେବେ ବର୍ଷା ଯୋଗୁ ପୁଣି ରାସ୍ତାର ରୂପ ବଦଳିଲାଣି। ଏ ପରିପେକ୍ଷୀରେ ରାଜପଥକୁ ମରାମତି ପାଇଁ ସ୍ୱେଚ୍ଛାସେବୀମାନେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଜାତୀୟ ରାଜପଥ ମରଣଯନ୍ତା ସମ୍ପର୍କରେ ଅବଗତ କରିଥିଲେ। ଏପରି କି ଧରିତ୍ରୀରେ ବୁଧବାର ପ୍ରକାଶ ପାଇଥିବା ବର୍ଷା ଆଳରେ ରାସ୍ତା ମରାମତି ବନ୍ଦ ଶୀର୍ଷକ ରିପୋର୍ଟ ଦେଖାଇଥିଲେ। ଅନ୍ୟପକ୍ଷେ ନିଜେ କିପରି ରାଜପଥକୁ ମରାମତି କରିଥିଲେ ସେ ନେଇ ଫଟୋ ବି ଦେଖାଇଥିଲେ। ଏନେଇ ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ସାହୁ କୁହନ୍ତି ଇଟାମାଟି, ଦୁର୍ଗାପ୍ରସାଦ, ବିରୁଡା ଓ ଶିଖରପୁର ଗାଁର ମୋ ସମେତ ବବୁଲ ଦାସ, ପ୍ରଭୁଦତ୍ତ ପ୍ରଧାନ, ତୋଫାନ ମୁଦୁଲି, ପବିତ୍ର ଇନ୍ଦ୍ରଜିତ, ରାଜେଶ ବାରିକ, ଉମାକାନ୍ତ ମହାପାତ୍ର ପ୍ରମୁଖ ମିଳିତ ହୋଇ ରାସ୍ତା ମରାମତି କରିଛୁ। ହେଲେ ବର୍ଷା ଯୋଗୁ ଆମ ପରିଶ୍ରମ ବୃଥା ହୋଇ ଯାଉଛି। ଏଣୁ ସ୍ଥାୟୀ କାମ ପାଇଁ ଆମେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କୁ ଭେଟିଥିଲୁ। ଅତିରିକ୍ତ ଜିଲାପାଳ ଆମ ସହ ଆଲୋଚନା କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ରାସ୍ତା କାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।


ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ସ୍ୱେଚ୍ଛାସେବୀ।

# କୋର୍ଟ ଫଇସଲାର ଇଂଲିଶକୁ ପ୍ରାଦେଶିକ ଭାଷାରେ ଅନୁବାଦ ଉପରେ କର୍ମଶାଳା

ନୟାଗଡ଼,୨୮।୮(ଲୋକନାଥ ମିଶ୍ର)

ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ତତ୍ତ୍ୱାବଧାନରେ କୋର୍ଟ ଫଇସଲାର ଇଂଲିଶ ଭାଷାକୁ ବିଭିନ୍ନ ପ୍ରାଦେଶିକ ଭାଷାରେ ଅନୁବାଦ ଉପରେ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଚିବ ମଛଖଣ୍ଡ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ କର୍ମଶାଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟ କୋର୍ଟ ଫଇସଲାର ବିଭିନ୍ନ ପ୍ରାଦେଶିକ ଭାଷାକୁ ଅନୁବାଦ, ଭିଡିଓ କନଫରେନ୍ସ ଆଇନ ଏବଂ ସାଧାରଣ ସମାଧାନ ଆଇନ ବିଷୟରେ ତର୍ଜମା କରିଥିଲେ। ଜନସାଧାରଣ ନିଜ ଭାଷା ମାଧ୍ୟମରେ ଆଇନ ବିଧିର ସରଳତା ଏବଂ ସୁଯୋଗ ପାଇଁ ସୁପ୍ରିମକୋର୍ଟଙ୍କ ଏହା ଐତିହାସିକ ପଦକ୍ଷେପ ବୋଲି ସୂଚାଇଥିଲେ। ରେଜିଷ୍ଟ୍ରାର ନିଶାକର ସାହୁ ଏ.ଆଇ ବ୍ୟବହାର ଏବଂ ସୁପ୍ରିମକୋର୍ଟ ବିଧି ଅନୁବାଦ ଯାନ୍ତ୍ରିକ ସୁବିଧା ତର୍ଜମା କରିଥିଲେ। ରେଜିଷ୍ଟ୍ରାର ନିଜେ ଆଇନ ଏବଂ ବିଧି, ଭାଷା ଉପରେ ଗବେଷଣା କରିଥିବାରୁ ନିଜର ଅନୁଭୂତି ଦର୍ଶାଇଥିଲେ। ବରିଷ୍ଠ ବିଚାରପତି ରବି ନାରାୟଣ ବେହେରା ଏହି କର୍ମଶାଳା ଦ୍ୱାରା ପ୍ରାଧିକରଣର ଉଦ୍ଦେଶ୍ୟ ସମସ୍ତଙ୍କ ପାଇଁ ଏବଂ ସମସ୍ତଙ୍କ ନିକଟରେ ନ୍ୟାୟ ସୁଗମ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସବ୍‌ଜଜ ସତ୍ୟବ୍ରତ ରଣା ବିକଳ୍ପ ସମାଧାନ ମାଧ୍ୟମ କିପରି ସହଜରେ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିପାରୁଛି ବାଖ୍ୟା କରିଥିଲେ। ବରିଷ୍ଠ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା ସୂଚନା ପ୍ରସାରଣର ଯାନ୍ତ୍ରିକ ଦିଗ ନ୍ୟାୟ ବ୍ୟବସ୍ଥାକୁ ସୁଗମ କରିପାରୁଛି ବୋଲି ମତ ରଖିଥିଲେ। ବରିଷ୍ଠ ସରକାରୀ ଅଧିବକ୍ତା ଦଣ୍ଡପାଣି ସ୍ୱାଇଁ, କୋର୍ଟ ସିଷ୍ଟମ ଅଫିସର ସୀମାନ୍ଦ୍ରୀ କେଶରୀ ମହାରଥୀ କୌଶଳ ପ୍ରଦର୍ଶନ କରି ବାଖ୍ୟା କରିଥିଲେ। ଅଧିବକ୍ତା ଭବାନୀ ଶଙ୍କର ସାହୁ, ସଦସ୍ୟ ମହମ୍ମଦ ଓମାର ମାଲିକ ଅନୁରୂପଭାବେ ଉପସ୍ଥିତ ଥିଲେ। ସଚିବ ମଛଖଣ୍ଡ ସୁପ୍ରିମକୋର୍ଟଙ୍କ ଏହି ପଦକ୍ଷେପ, ଆଇନ ସେବା ପ୍ରାଧିକରଣର ଲକ୍ଷ ଆଇନ ସମସ୍ତଙ୍କ ନିକଟରେ ପହଞ୍ଚିବା ଦିଗରେ ଏକ ବଳିଷ୍ଠ ମାଧ୍ୟମ ବୋଲି ସୂଚାଇବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।


କର୍ମଶାଳାରେ ଯୋଗଦେଇଥିବା ବିଚାରପତି ଓ ଅନ୍ୟମାନେ।

